

# କଟକ ସିଟି

## ଡ୍ରିମ୍ସ ସ୍କୁଲ ଅଫ୍ ହୋଟେଲ ମ୍ୟାନେଜମେଣ୍ଟର କ୍ରୀଡ଼ା ଉତ୍ସବ



କଟକ, ୫ ।୨(ସମିସ): ଡ୍ରିମ୍ସ ସ୍କୁଲ ଅଫ ହୋଟେଲ ମ୍ୟାନେଜମେଣ୍ଟର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଛି । ଆୟୋଜିତ ବିବିଧ ପ୍ରତିଯୋଗିତାରେ ହୋଟେଲ ମ୍ୟାନେଜମେଣ୍ଟ ଓ ଫେସନ୍ ଡିଜାଇନିଂ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଭାଗନେଇ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ଯୋଗଦେଇଥିଲେ । ହୋଟେଲ ମ୍ୟାନେଜମେଣ୍ଟ ଓ ଫେସନ ଡିଜାଇନିଂର ଛାତ୍ରଛାତ୍ରୀ ଆଜି ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ନିଯୁକ୍ତି ସୁଯୋଗ ପାଇଥିବାବେଳେ ଅନେକ ଆତ୍ମନିର୍ଭରଶୀଳ ହୋଇଥିବା ନିଜକୁ ପ୍ରତିଷ୍ଠିତ କରିବା ଅତ୍ୟନ୍ତ ଗୌରବର ବିଷୟ ବୋଲି ଶ୍ରୀ ରଥ ପ୍ରକାଶ କରିଥିଲେ । ଏଥିସହ କୃତୀ ଖେଳାଳୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ ଶାରୀରିକ ଦକ୍ଷତା ବୃଦ୍ଧି ଲାଗି ଖେଳକୁଦର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ବିକାଶକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ପ୍ରଶାନ୍ତ ଶ୍ରୀବାସ୍ତବ, ଅଧ୍ୟାପକ ଉତ୍କଳକେଶରୀ ଜେନା, ଅଧ୍ୟାପକ ସଫରଜ୍ କ୍ୱାଦ୍ରୀ, ଅଧ୍ୟାପକ ସ୍ମୃତିରଞ୍ଜନ ସେନାପତି, ଅଧ୍ୟାପକ ଖଗେଶ୍ୱର ସାହୁ, ସଂଘମିତ୍ରା ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ବରିଷ୍ଠ ନାଗରିକ ନିବାସରେ ସମ୍ବର୍ଦ୍ଧନା

କଟକ, ୫ ।୨(ସମିସ): ବାଙ୍କୀ ଜାତମୁଣ୍ଡିଆସ୍ଥ ଇନ୍ଦୁମତୀ ପାଟଣାର ବରିଷ୍ଠ ନାଗରିକ ନିବାସରେ ହୋପ-ଏଜ ଟ୍ରଷ୍ଟର କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଆଜି ଅପରାହ୍ନରେ ସମ୍ବର୍ଦ୍ଧିତ କରାଯାଇଥିଲା । ହୋପ-ଏଜ ପକ୍ଷରୁ ଅନ୍ତେବାସୀଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଖାଦ୍ୟଦ୍ରବ୍ୟ ବିତରଣ କରାଯାଇଥିଲା । ଜରା ନିବାସର ସମ୍ପାଦକ କେଶବ ଚନ୍ଦ୍ର ବେହେରା ଓ କର୍ମକର୍ତ୍ତାମାନେ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା କରିଥିଲେ । ହୋପ-ଏଜର ଟ୍ରଷ୍ଟି ଡ଼. ସତ୍ୟ ରାୟ, ମୁଖ୍ୟ ପୃଷ୍ଠପୋଷକ ଉମେଶ ଚନ୍ଦ୍ର ପଟ୍ଟନାୟକ, ସଭାପତି କିଶୋର ଶତପଥୀ, ଉପସଭାପତି ବିଜୟ ପୃଷ୍ଟି, ପୃଷ୍ଠପୋଷକ ଉତ୍କଳ ଭୂଷଣ ରାଉତରାୟ ଓ ସୁଜାତା ପଟ୍ଟନାୟକ, ସମ୍ପାଦକ ରଞ୍ଜିତ ସାହୁ, କୈଳାଶ ଚନ୍ଦ୍ର ମିଶ୍ର, କେଦାର ଜାଲି, ବାଦଲ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତି, ହିମାଂଶୁବାଳା ପଟ୍ଟନାୟକ, ସବିତା ରାଉତରାୟ, ରବୀନ୍ଦ୍ରନାଥ ମିଶ୍ର ଓ ମଧୁସୂଦନ ପତି ପ୍ରମୁଖ ଯୋଗଦେଇଥିଲେ ।

### ସିଏମସି ପକ୍ଷରୁ ସତ୍ୟପାଠ ଦାଖଲ

# ୬ଟି ନୂତନ କଂସେଇଖାନା ପାଇଁ ଯୋଜନା

କଟକ, ୫ ।୨(ସମିସ)

କଟକ ସହରରେ ମାଲମାଲ ବେଆଇନ କଂସେଇଖାନା ଚାଲୁଥିବା ପ୍ରସଂଗରେ ରୁଜୁ ମାମଲାରେ ସିଏମସି ପକ୍ଷରୁ ଆଜି ଏକ ସତ୍ୟପାଠ ଦାଖଲ କରାଯାଇଛି । ଏହି ସତ୍ୟପାଠକୁ ନେଇ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସତ୍ୟପାଠର ପାରାଗ୍ରାଫ-୬ରେ ପ୍ରଦାନ କରାଯାଇଥିବା ବିବୃତ୍ତିକୁ ହାଇକୋର୍ଟ ଅଗ୍ରାହ୍ୟ କରିଛନ୍ତି । ସତ୍ୟପାଠର କପି ଆବେଦନକାରୀଙ୍କୁ ପ୍ରଦାନ କରିବାକୁ ହାଇକୋର୍ଟ କହିଛନ୍ତି । ଦୁଇ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଦାଲତ ଧାର୍ଯ୍ୟ କରିଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୋ ଜ୍ଞାନ ଫାଉଣ୍ଡେସନ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ସିଏମସି ପକ୍ଷରୁ ସତ୍ୟପାଠରେ କୁହାଯାଇଛି ଯେ ସହରର ରାସ୍ତାକଡ଼ରେ ମାଂସ କଟା ବନ୍ଦ ପାଇଁ ପଦକ୍ଷେପ



**ବେଆଇନ କଂସେଇଖାନା ମାମଲା**

ନିଆଯାଇଛି । ଏଥି ପାଇଁ ସ୍ୱତନ୍ତ୍ର ଦଳ ଗଠନ କରାଯିବା ସହ ଚଢଉ କରାଯାଇଆସୁଛି । ଇତିମଧ୍ୟରେ ରାସ୍ତାକଡ଼ରେ ଖୋଲାରେ ବେଆଇନ ଭାବେ ମାଂସ କଟୁଥିବା ଦୋକାନ ଗୁଡ଼ିକ ଉପରେ ଜରିମାନା କରାଯାଉଛି । ଘଟଣାର ପୁନରାବୃତ୍ତି ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାଇ ଦିଆଯାଇଛି । ବେଆଇନ ମାଂସ କଟା ଘଟଣାରେ ୧୨୦ଜଣଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କଟକ ସହରରେ କଂସେଇଖାନା ଅଭାବ ଦୂର ପାଇଁ ୬ଗୋଟି ନୂଆ କଂସେଇଖାନା ସ୍ଥାପନ ପାଇଁ ଯୋଜନା ରହିଛି । ଏଥିପାଇଁ ସ୍ଥାନ ଚିହ୍ନଟ କରାଯାଉଛି ବୋଲି ହାଇକୋର୍ଟଙ୍କୁ ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି । ଏହି ମାମଲାରେ କଟକ ମହାନଗର ନିଗମର ଡେପୁଟି କମିଶନର ଓ ସ୍ୱାସ୍ଥ୍ୟ ଅଧିକାରୀ ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇଆସୁଛନ୍ତି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ସିଏମସି ତତ୍ପରତା ପ୍ରକାଶ କରି ଅଘୋଷିତ ତଥା ବେଆଇନ କଂସେଇଖାନା ଗୁଡିକରୁ ଦେଢ ଲକ୍ଷ ଟଙ୍କା ଜରିମାନା ଆଦାୟ କରିଥିବା ଜଣାପଡ଼ିଛି । ପ୍ରକାଶଥାଉକି ଓଡିଆ ବଜାର, ଦିୱାନ ବଜାର ଓ ହାତୀପୋଖରୀ ଆଦି କେତେକ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା କଂସେଇଖାନାକୁ ସ୍ଥାନୀୟ ପୁଲିସ ସହଯୋଗରେ ବନ୍ଦ କରିବା ସହ ୬ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ଗତ ୨୦୧୯ ମାର୍ଚ୍ଚ ୨୫ରେ ସିଏମସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ । କିନ୍ତୁ ଏହି ନିର୍ଦ୍ଦେଶ ପାଳନ ହୋଇନଥିବା ବେଳେ ଉପରୋକ୍ତ ଅଞ୍ଚଳର କଂସେଇଖାନାରେ ଆଇନ ଉଲ୍ଲଙ୍ଘନ ପୂର୍ବକ ଗୋହତ୍ୟା କରାଯାଇଆସୁଥିବା ଆବେଦନକାରୀ ଅଭିଯୋଗ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ମୃଣାଳିନୀ ପାଢ଼ୀ ଓ ପୀୟୁଷ କୁମାର ପଣ୍ଡା ମାମଲା ପରିଚାଳନା କରୁଛନ୍ତି ।

### ■ ବେଆଇନ ବାଲି ଉତ୍ତୋଳନ ମାମଲା

## ଆବେଦନକାରୀଙ୍କ ପକ୍ଷରୁ ସତ୍ୟପାଠ ଦାଖଲ

କଟକ, ୫ ।୨(ସମିସ): ବେଆଇନ ବାଲି ଉତ୍ତୋଳନ ପ୍ରସଂଗକୁ ନେଇ ହାଇକୋର୍ଟରେ ମାମଲା ବିଚାରାଧିନ ଥିବା ବେଳେ ଏହାର ପୂର୍ଣ୍ଣାଙ୍ଗ ଶୁଣାଣି ଆଜି ହୋଇପାରିନାହିଁ । ଆସନ୍ତାକାଲି ଏହି ମାମଲାର ଶୁଣାଣି ହେବ ବୋଲି ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି । କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ପ୍ରଶାନ୍ତ କୁମାର ଦାସଙ୍କ ପକ୍ଷରୁ ଦାୟର ଜନସ୍ୱାର୍ଥ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଏକ ସତ୍ୟପାଠ ଦାଖଲ କରାଯାଇଛି । ବାଲି ଘାଟ ଗୁଡିକରୁ ବାଲି ଉତ୍ତୋଳନ ନେଇ ଯେଉଁ ଅଚଳାବସ୍ଥା ଦେଖାଦେଇଛି ତାହାକୁ ଦୂର ପାଇଁ ଆବେଦନକାରୀ ନିଜର ପ୍ରସ୍ତାବ ଉପସ୍ଥାପନ କରିବେ ବୋଲି ଅଦାଲତଙ୍କୁ ଅବଗତ କରିଛନ୍ତି । ପ୍ରକାଶଥାଉକି ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ମେସିନ ଦ୍ୱାରା ବାଲି ଉତ୍ତୋଳନ ପାଇଁ ଅନୁମତି ପ୍ରଦାନ ନେଇ ଗତ ଡିସେମ୍ବର ୨୧ର ବିଜ୍ଞପ୍ତି ଉପରେ ହାଇକୋର୍ଟଙ୍କ ଅନ୍ତରୀଣ ରହିତାଦେଶ ବଳବତ୍ତର ରହିଆସିଛି । ଏହି ଆଦେଶର ପରିବର୍ତ୍ତନ ପାଇଁ ସରକାରଙ୍କ ପକ୍ଷରୁ ମଧ୍ୟ ଏକ ଅନ୍ତରୀଣ ଆବେଦନ ଦାୟର ହୋଇଛି । ୨୦୧୬ର ବାଲି ନୀତି (ସ୍ୟାଣ୍ଡ ପଲିସି) ଅନୁସାରେ ରାଜ୍ୟ ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏହି ପଲିସି ଅନୁସାରେ ମେସିନ ଦ୍ୱାରା ବାଲି ଉତ୍ତୋଳନ ଉପରେ ପ୍ରତିବନ୍ଧକ ଥିଲେ ମଧ୍ୟ ସରକାର କେଉଁ ସ୍ଥିତିରେ ଏହାକୁ ଅନୁମତି ଦେବେ ସେ ନେଇ ସରକାର ପକ୍ଷ ରଖିବେ । କାଠଯୋଡି ନଦୀ ଶଯ୍ୟାରୁ ସରକାରଙ୍କ ଗାଇଡଲାଇନ ଉଲ୍ଲଙ୍ଘନ କରି ଯାନ୍ତ୍ରିକ ପଦ୍ଧତିରେ ବାଲି ଉତ୍ତୋଳନ କରାଯାଉଥିବା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । କାଠଯୋଡିର ୧୪ଟି ବାଲିଘାଟକୁ ବନ୍ଦ କରିବା ପାଇଁ ହାଇକୋର୍ଟ ଗତ ୨୦୨୩, ଡିସେମ୍ବର ୨୧ରେ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ । ସେହିଦିନ କିନ୍ତୁ ୨୦୧୬ର ବାଲି ନୀତି ଅନୁସାରେ ଜିଲ୍ଲା ଖଣି ଅଧିକାରୀଙ୍କ ପକ୍ଷରୁ ବାଲିଘାଟ କାର୍ଯ୍ୟକ୍ଷମ ପାଇଁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଖଣି ବିଭାଗର ଅନୁମତି ପାଇଁ ସେହି ଘାଟ ଗୁଡିକରୁ ବାଲି ଉଠିବା ନେଇ ଅଭିଯୋଗ ହୋଇଥିଲା । ଏଗୁଡିକୁ ବନ୍ଦ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ ଜାରି ହୋଇଛି ବୋଲି ସରକାରଙ୍କ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଛନ୍ତି ।

## ପୂର୍ବତନ ଏଜି ଜଗନ୍ନାଥ ପଟ୍ଟନାୟକଙ୍କୁ ଭେଟିଲେ ମେୟର



କଟକ, ୫।୨(ସମିସ)

ଆପଣ କେମିତି ଅଛନ୍ତି କାର୍ଯ୍ୟକ୍ରମ ଅନ୍ତର୍ଗତ, ଓଡ଼ିଶାର ପୂର୍ବତନ ଆଡ଼ଭୋକେଟ ଜେନେରାଲ ଜଗନ୍ନାଥ ପଟ୍ଟନାୟକଙ୍କୁ ତାଙ୍କ ତୁଳସୀପୁର ଶ୍ରୀବିହାର କଲୋନୀ ସ୍ଥିତ ବାସଭବନରେ ସାକ୍ଷାତ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି ମେୟର ସୁବାସ ସିଂ । ଶ୍ରୀ ପଟ୍ଟନାୟକ ୧୯୯୯ ମସିହାରେ ଓଡ଼ିଶାର ଆଡଭୋକେଟ ଜେନେରାଲ ଭାବରେ ନିଜର କାର୍ଯ୍ୟ ସମ୍ପାଦନା ଆରମ୍ଭ କରିଥିଲେ । ବର୍ତ୍ତମାନ ୮୫ ବର୍ଷ ବୟସରେ କଟକ ମେୟର ଶ୍ରୀ ସୁବାସ ସିଂ ତାଙ୍କୁ ସାକ୍ଷାତ କରି କଟକ ସହରର ବିକାଶ ସମ୍ପର୍କରେ ତାଙ୍କର ପରାମର୍ଶ ଲୋଡିଥିଲେ । ଏହି ସାକ୍ଷାତ ସମୟରେ ଶ୍ରୀ ପଟ୍ଟନାୟକଙ୍କ ସୁପୁତ୍ର ଆଇନଜୀବୀ ଅଭିଜିତ ପଟ୍ଟନାୟକ, ସୁପୁତ୍ରୀ ସୋମା ପଟ୍ଟନାୟକ ଏବଂ ପରିବାରବର୍ଗ, ସ୍ଥାନୀୟ କର୍ପୋରେଟର ବିକାଶ ରଞ୍ଜନ ବେହେରା, ରାଜୀବ ମହାନ୍ତି, ଦେବେନ୍ଦ୍ର ପାଣିଗ୍ରାହୀ, ଜଗନ୍ନାଥ ସ୍ୱାଇଁ, ବିନୋଦ ପଣ୍ଡା, କାଳୀଚରଣ ପାଣିଗ୍ରାହୀ, ସୟଦ ଶେଖାୱତ, ଜନ ଆଶିଷ ବରାଳ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକଳ୍ପ ସଚେତନତା ଶିବିର

କଟକ, ୫।୨(ସମିସ): ଆଜି କଟକ ମହାନଗର ନିଗମ ୨୪ ନମ୍ବର ୱାର୍ଡ ସାଆନ୍ତ ସାହି ଠାରେ ରାଜ୍ୟ ସରକାରଙ୍କ ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ବସ୍ତି ବାସିନ୍ଦାଙ୍କ ବିକାଶ, ରାଜ୍ୟ ସରକାରଙ୍କ ସଂକଳ୍ପ ସଚେତନତା ଶିବିର କର୍ପୋରେଟର ତଥା ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା ଦିପ୍ତିମୟୀ ମୂଳିଆଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ମେୟର ସୁବାଷ ସିଂ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ନିରାମୟ ଉପଦେଷ୍ଟା ଡ. ରଞ୍ଜନ ବିଶ୍ୱାଳ, ଗ୍ରାମର ଅଧିକାରୀ ଧୀରେନ୍ଦ୍ର ପ୍ରଧାନ, ସମ୍ପାଦକ ଦୟାନିଧି ରାଉତ, ମହନ୍ତ ସଦୟ ବୋଷ ଓ ଲିଙ୍ଗରାଜ ହାତୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଶତାଧିକ ମହିଳା, ପୁରୁଷ, ଯୁବକ, ଆଶାକର୍ମୀ, ଅଙ୍ଗନବାଡ଼ି କର୍ମୀ ଓ ନିଗମର ସମସ୍ତ ଅଧିକାରୀ ସଫଳ କରିଥିଲେ । ଶେଷରେ ପ୍ରତାପ ମୂଳିଆ ଧନ୍ୟବାଦ୍ ଦେଇ ସଭା ସଙ୍ଗ କରିଥିଲେ ।



### ରାଉରକେଲାରେ ହଇଜା ସଂକ୍ରମଣ ପ୍ରସଂଗ

## ୪ସପ୍ତାହରେ ରିପୋର୍ଟ ଦେବାକୁ ଏନ୍‌ଜିଟିଙ୍କ ନିର୍ଦ୍ଦେଶ

କଟକ, ୫ ।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାରେ ହଇଜା ବ୍ୟାପିବା ପ୍ରସଂଗରେ ରୁଜୁ ମାମଲାକୁ ଜାତୀୟ ଗ୍ରିନ ଟ୍ରିବ୍ୟୁନାଲ (ଏନଜିଟି) ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି । ଦୂଷିତ ଜଳ ଓ ଅନ୍ୟାନ୍ୟ କାରଣରୁ ଏଠାରେ ହଇଜା ସ୍ଥିତି ଗତ କିଛି ଦିନ ତଳେ ସଂଗୀନ ରହିଥିଲା ବୋଲି ଦାଖଲ ଅଭିଯୋଗର ଶୁଣାଣି କରି ଏନଜିଟି ସମସ୍ତ ପ୍ରତିପକ୍ଷଙ୍କୁ ନୋଟିସ୍ ଜାରି କରିଛନ୍ତି । ଅନ୍ୟପଟରେ ଏହାର ଅନୁଧ୍ୟାନ ପାଇଁ ଏକ ୭ଜଣିଆ କମିଟି ଗଠନ କରିଛନ୍ତି ଏନଜିଟି । ଏହି କମିଟି ଘଟଣାସ୍ଥଳ ଅନୁଧ୍ୟାନ କରି ଆସନ୍ତା ୪ସପ୍ତାହ ମଧ୍ୟରେ ସତ୍ୟପାଠ ମାଧ୍ୟମରେ ରିପୋର୍ଟ ଦାଖଲ ପାଇଁ ଏନଜିଟି ନିର୍ଦ୍ଦେଶ ଦେଇଛନ୍ତି । ଗଠିତ କମିଟିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚର ଜଣେ ଜଣେ ବରିଷ୍ଠ ବୈଜ୍ଞାନିକ, ୱାଟକୋ, ନଗର ଉନ୍ନୟନ ବିଭାଗ, ଜନସ୍ୱାସ୍ଥ୍ୟ ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଜଣେ ଜଣେ ବରିଷ୍ଠ ପାହ୍ୟାର ଅଧିକାରୀ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଏହି କମିଟିର ସଦସ୍ୟ ରହିବେ । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏହି କମିଟିର ନୋଡାଲ ସଂସ୍ଥା ଭାବେ କାର୍ଯ୍ୟ କରି କମିଟିର ରିପୋର୍ଟକୁ ସତ୍ୟପାଠ ଜରିଆରେ ଦାଖଲ କରିବ । ମାମଲାରୁ ପ୍ରକାଶ ଯେ ରାଉରକେଲାରେ ହଇଜା ବ୍ୟାପୁଥିବା ତଥା ୧ହଜାର ଏଥିରେ ସଂକ୍ରମିତ ହେବା ସହ ୬ଜଣଙ୍କ ମୃତ୍ୟୁ ସମ୍ପର୍କିତ ଏକ ଖବର ଗତ ଡିସେମ୍ବର୨୧ରେ ଏକ ସମ୍ବାଦପତ୍ରରେ ପ୍ରକାଶ ପାଇଥିଲା । ରାଉରକେଲା ସହରର ବିଭିନ୍ନ ୱାର୍ଡରେ ହଇଜା ଓ ଝାଡାବାନ୍ତିରେ ସହସ୍ରାଧିକ ଲୋକ ଆକ୍ରାନ୍ତ ହୋଇଥିଲେ ବୋଲି ଏଥିରେ କୁହାଯାଇଥିଲା । ଏହାକୁ ନେଇ ଏନଜିଟି ଦିଲ୍ଲୀ ବେଞ୍ଚ ନିଜଆଡୁ ଏକ ମାମଲା ରୁଜୁ କରିଥିଲେ । ପରେ ଏହା ପୂର୍ବାଞ୍ଚଳ କୋଲକାତା ବେଞ୍ଚକୁ ସ୍ଥାନାନ୍ତର ହୋଇଥିଲା । ଆସନ୍ତା ମାର୍ଚ୍ଚ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଛି ।

# ଓମ୍ ଅଳଙ୍କାର ଦୋକାନରେ ଅଗ୍ନିକାଣ୍ଡ





କଟକ, ୫ ।୨(ସମିସ)

ନିମଚୌଡିସ୍ଥିତ ଓମ୍ ଅଳଙ୍କାରରେ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଦୋକାନ ଆସବାବପତ୍ର ପୋଡି ଯାଇଛି । ଏହି ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନାହାନ୍ତି । ଘଟଣାସ୍ଥଳରେ ବକ୍ସିବଜାର ଦମକଳ କେନ୍ଦ୍ରରୁ ୨ଟି ନିଆଁଲିଭା ଗାଡି ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ପାଣି ସ୍ପ୍ରେପରେ ନିଆଁ ଲିଭିଯାଇଥିଲା । କିନ୍ତୁ ଦୋକାନ ସୋ କେସରୁ ଦୀର୍ଘ ସମୟ ଧରି ଧୂଆଁ ବାହାରିଥିଲା । ଯାହାଫଳରେ ସ୍ଥାନୀୟ ଦୋକାନୀ ଓ ଜନସାଧାରଣ ଦୋକାନ ସଂଲଗ୍ନ ରାସ୍ତା ବାଟେ ଯାତାୟତ କରି ପାରିନଥିଲେ । ରାସ୍ତା ଭିଡ଼ ହେବାରୁ ଘଟଣାସ୍ଥଳରେ ସ୍ଥାନୀୟ ଥାନା ପୁଲିସ ପହଞ୍ଚି ଭିଡକୁ ନିୟନ୍ତ୍ରଣ କରିଥିଲା । ଅନ୍ୟପଟେ ଅଗ୍ନିଶମ କେନ୍ଦ୍ର ପକ୍ଷରୁ କ୍ଷୟକ୍ଷତି ପ୍ରକୃତ ଆକଳନ କରାଯାଇ ନାହିଁ । ସର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ଆକଳନରୁ ସ୍ପଷ୍ଟ ହୋଇଛି । ସୂଚନା ଅନୁସାରେ, ନିମଚୌଡିରେ ଶ୍ରୀକୃଷ୍ଣ ସାହୁଙ୍କ ଅଳଙ୍କାର ଦୋକାନ ରହିଛି । ଦୋକାନରେ କାର୍ଯ୍ୟରତ କର୍ମଚାରୀ ଆଜି ସନ୍ଧ୍ୟାରେ ଦୋକାନ ଖୋଲି ଅଳଙ୍କାର ବ୍ୟବସାୟ କରୁଥିଲେ । ଦୋକାନ ଭିତରେ ୩/୪ଜଣ ଗ୍ରାହକ ଥିଲେ । ସୌଭାଗ୍ୟବଶତଃ ସେମାନଙ୍କର ଅଳଙ୍କାର ପସନ୍ଦ ନହେବାରୁ ଫେରି ଯାଇଥିଲେ । ଠିକ୍ ୭ଟା୧୫ରେ ଦୋକାନ କର୍ମଚାରୀ ଜଳଖିଆ ଖାଇବା ପାଇଁ ବାହାରକୁ ଆସିଥିଲେ । ଦୋକାନ ମୁଖ୍ୟ କବାଟ ବନ୍ଦ ନଥିଲା । ହଠାତ୍ ଦୋକାନ ଭିତର ଧୂଆଁମୟ ହୋଇଯାଇଥିଲା । କର୍ମଚାରୀମାନେ ଦୌଡ଼ି ଆସି ଦୋକାନ ଭିତରେ ନିଆଁ ଲାଗିଯାଇଥିବା ଦେଖିଥିଲେ । ଭିତରକୁ ପ୍ରବେଶ କରିବା ସମ୍ଭବପର ନଥିଲା । ଏହାପରେ କର୍ମଚାରୀ ଦୋକାନ ମାଲିକ ଶ୍ରୀ ସାହୁଙ୍କୁ ଖବର ଦେବା ସହିତ ବକ୍ସିବଜାର ଅଗ୍ନିଶମ ବାହିନୀକୁ ଦୋକାନରେ ନିଆଁ ଲାଗି ଯାଇଥିବା ଜଣାଇଥିଲେ । ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଦୋକାନ ଭିତରେ ଥିବା ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଆସବାବପତ୍ର ପୋଡିଯାଇଥିଲା । ଅନ୍ୟପଟେ ଏହି ଦୋକାନ କଡ଼ରେ ଅନ୍ୟ ଦୋକାନ ଓ ସାଧାରଣ ଲୋକଙ୍କ ଘର ରହିଛି । ଏକ ବଡ଼ଧରଣ ବିପଦ ଟଳିଯାଇଥିବା ଅଗ୍ନିଶମ ବିଭାଗ କର୍ମଚାରୀ ସୂଚନା ଦେଇଛନ୍ତି ।


















## ସିଡିଏ ଉପାଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



**କଟକ,୫ ।୨(ସମିସ):** କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଉପାଧ୍ୟକ୍ଷ ଭାବେ କଟକ ମହାନଗର ନିଗମର କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସିଏମସି କମିଶନର ଭାବେ ରହିବା ସହ ସିଡିଏର ଏହି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ସେ ଆଜି ସିଡିଏ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ସିଡିଏର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ଏକ ବୈଠକରେ ଶ୍ରୀ ସ୍ୱାଇଁ କର୍ମଚାରୀଙ୍କ ସହିତ ଆଲୋଚନା କରି କିଭଳି ସିଡିଏର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ସହିତ ଉପାଧ୍ୟକ୍ଷ ଶ୍ରୀ ସ୍ୱାଇଁ ସାକ୍ଷାତ ଆଲୋଚନା କରିଥିଲେ । ପ୍ରକାଶଥାଉକି ଶ୍ରୀ ସ୍ୱାଇଁ ଜାନୁଆରୀ ୩୧ ତାରିଖରେ ସିଏମସିର କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୨୦୧୪ ବ୍ୟାଚର ଆଇଏଏସ ଅଧିକାରୀ ଶ୍ରୀ ସ୍ୱାଇଁ ତତ୍କାଳୀନ କମିଶନର ନିଖିଲ ପୱନ କଲ୍ୟାଣଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଏସ୍‌ସିବିରେ ହେବ ହୃତପିଣ୍ଡ ପ୍ରତିରୋପଣ

### ତାଲିମ ପାଇଁ ଯିବେ ୫ଜଣିଆ ଡାକ୍ତରୀ ଟିମ୍

**କଟକ,୫।୨(ସମିସ):** ଏସ୍‌ସିବି ମେଡିକାଲରେ ହୃତପିଣ୍ଡ ପ୍ରତିରୋପଣ ହୋଇ ପାରିବ ବୋଲି ପୂର୍ବରୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସବୁଜ ସଙ୍କେତ ମିଳି ସାରିଛି । ଏଠାକାର କାର୍ଡିଓ ଥୋରାସିସ ଆଣ୍ଡ ଭସ୍କୁଲାର ସର୍ଜରୀ(ସିଟିଭିଏସ) ବିଭାଗରେ ପ୍ରତିରୋପଣ କରାଯାଇ ପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ଏପରିକି ପ୍ରତିରୋପଣ ପୂର୍ବରୁ ବଡ ମେଡିକାଲରେ ସ୍ୱତନ୍ତ୍ର ଭାବେ ହାର୍ଟ ଫେଲୁଅର କ୍ଲିନିକ ମଧ୍ୟ ଖୋଲିଛି । ତେବେ ପ୍ରତିରୋପଣ ନିମନ୍ତେ ଉଦ୍ଦିଷ୍ଟ ପ୍ରକ୍ରିୟା ଏବେ ଆଉ ପାଦେ ଆଗକୁ ବଢ଼ିଛି । ଖୁବଶୀଘ୍ର ଏସ୍‌ସିବି ମେଡିକାଲର ଏକ ୫ଜଣିଆ ଡାକ୍ତରୀ ଦଳ ପ୍ରତିରୋପଣ ତାଲିମ ପାଇଁ ଚେନ୍ନାଇ ଯିବ ବୋଲି ଜଣାପଡିଛି । ଚେନ୍ନାଇ ସ୍ଥିତ ମହାତ୍ମା ଗାନ୍ଧୀ ହେଲ୍ଥ କେୟାରରେ ଡାକ୍ତରମାନଙ୍କୁ ତାଲିମ ଦିଆଯିବ । ପ୍ରଥମ ପର୍ଯ୍ୟାୟରେ ୫ଜଣ ଡାକ୍ତର ଚେନ୍ନାଇ ଯିବେ । ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ କିଛି ଡାକ୍ତରଙ୍କୁ ପଠାଯିବ ବୋଲି ଜଣାପଡ଼ିଛି ।

● ରୋଗୀଙ୍କୁ ଡାକ୍ତର ଟଙ୍କା ମାଗିବା ଘଟଣା

## ଅଧୀକ୍ଷକଙ୍କୁ ଅଭିଯୋଗ କଲେ ରୋଗୀ ସମ୍ପର୍କୀୟ

**କଟକ,୫।୨(ସମିସ):** ଏସ୍‌ସିବି ମେଡିକାଲ ଟ୍ରମା କାଜୁଆଲିଟିରେ ଜନୈକ ଡାକ୍ତର ରୋଗୀଙ୍କୁ ଟଙ୍କା ଦାବି କରିଛନ୍ତି । ବଡ ମେଡିକାଲରେ ଉନ୍ନତ ଚିକିତ୍ସା ବ୍ୟବସ୍ଥା ନାହିଁ । ଏଠାରେ ପଡି ରହିଲେ ଅସୁବିଧା ହେବ । ଏଣୁ ଘରୋଇ ହସ୍ପିଟାଲକୁ ଚାଲିଯାଅ ବୋଲି ବାଧ୍ୟ କରୁଥିଲେ । ଏଭଳି ଅଭିଯୋଗ ଉଠାଇ ସୋମବାର ଏସ୍‌ସିବି ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ଭୁବନେଶ୍ୱର ସାମନ୍ତରାପୁର ଅଞ୍ଚଳର ସନ୍ତୋଷ ପାଢ଼ୀ । ସମ୍ପୃକ୍ତ ଡାକ୍ତରଙ୍କ ବିରୋଧରେ ସେ ଅନେକ ସଙ୍ଗୀନ ଅଭିଯୋଗ ମଧ୍ୟ ଉଠାଉଛନ୍ତି । ତେବେ ଏହି ଘଟଣାର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର କହିଛନ୍ତି । ଘଟଣାରୁ ପ୍ରକାଶ ଯେ, ଅଭିଯୋଗକାରୀ ସନ୍ତୋଷଙ୍କର ଘର କାମ ଚାଲିଥିଲା । ସ୍ଲାବ କଟିଂ କରିବା ପାଇଁ ସେ ମିସ୍ତ୍ରୀ ବଳରାମ ମିଶ୍ରଙ୍କୁ ଡାକିଥିଲେ । ମିସ୍ତ୍ରୀ ବଳରାମ ନିର୍ମାଣ କାର୍ଯ୍ୟ କରୁଥିବା ବେଳେ ଅସାବଧାନତା ବଶତଃ କଟିଂ ମେସିନର ବ୍ଲେଡ ବାଜି ତାଙ୍କ ବାମ ହାତ କଟି ଯାଇଥିଲା । ବଳରାମଙ୍କୁ ଧରି ସନ୍ତୋଷ ଭୁବନେଶ୍ୱର ୟୁନିଟ-୬ ସ୍ଥିତ ସରକାରୀ ହସ୍ପିଟାଲକୁ ଯାଇଥିଲେ । ଡାକ୍ତରଙ୍କ ପରାମର୍ଶକ୍ରମେ ବଡ ମେଡିକାଲ ଆସିଥିଲେ । ସନ୍ତୋଷଙ୍କ ଅଭିଯୋଗ ଅନୁଯାୟୀ, ଏଠାକୁ ଆସିବା ପରେ ଆଶୁ ଚିକିତ୍ସା ବିଳମ୍ବରେ ଆରମ୍ଭ କରାଯାଇଥିଲା । ଗୁରୁତର ବଳରାମଙ୍କୁ ତୁରନ୍ତ ଚିକିତ୍ସା ଯୋଗାଇଦେବାକୁ ସେ ଜଣେ ନର୍ସଙ୍କୁ ନିବେଦନ କରିଥିଲେ । କିନ୍ତୁ ନର୍ସ ଜଣକ ଜନୈକ ଡାକ୍ତରଙ୍କୁ ଜଣାଇବାକୁ କହିଥିଲେ । ସନ୍ତୋଷ ସମ୍ପୃକ୍ତ ଡାକ୍ତରଙ୍କୁ ଭେଟିଥିଲେ । ମାତ୍ର ଡାକ୍ତର ଜଣକ ରାଗ ତମ ତମ ହୋଇ ବାହାରକୁ ଚାଲିଯିବାକୁ କହିଥିଲେ । ପ୍ରାୟ ୨୦ମିନିଟ ପରେ ଡାକ୍ତର ଜଣକ ପୁର୍ନବାର ସନ୍ତୋଷଙ୍କୁ ନିଜ ପ୍ରକୋଷ୍ଠକୁ ଡାକିଥିଲେ । ଏହି ସମୟରେ ତୁରନ୍ତ ୫୦ହଜାର ଟଙ୍କା ଯୋଗାଡ କରିବାକୁ ଡାକ୍ତର ଜଣକ କହିଥିବା ସନ୍ତୋଷ ନିଜ ଅଭିଯୋଗରେ ଜଣାଇଛନ୍ତି । ବଡ ମେଡିକାଲରେ ବଳରାମଙ୍କ ଚିକିତ୍ସା ନ କରି ଘରୋଇ ହସ୍ପିଟାଲକୁ ନେଇଯିବାକୁ ମଧ୍ୟ ସମ୍ପୃକ୍ତ ଡାକ୍ତର ଜଣକ କହିଥିଲେ । ବଡ ମେଡିକାଲରେ ରୋଗୀଙ୍କୁ ଉନ୍ନତ ଚିକିତ୍ସା ସେବା ଯୋଗାଇଦେବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ସମ୍ପୃକ୍ତ ଡାକ୍ତରଙ୍କ ଏଭଳି ଆଚରଣକୁ ବିଭିନ୍ନ ମହଲରେ ନିନ୍ଦା କରାଯାଉଛି ।

### ଦରଘାପାଟଣା ପୂଜା ମଣ୍ଡପରୁ ଚୋରି ଘଟଣା

# କୁଖ୍ୟାତ ପୀରୁ ସମେତ ୪ ଗିରଫ





**କଟକ,୫ ।୨(ସମିସ):**

ଦରଘାପାଟଣା ପୂଜା ମଣ୍ଡପରୁ ଚୋରି ଘଟଣାରେ ମଧୁପାଟଣା ଥାନା ପୁଲିସ ୪ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତମାନେ ହେଲେ ସତୀଚଉରା ଇମାମପଡା ବସ୍ତିର କୁଖ୍ୟାତ ପୀରୁ ଓରଫ ସେଖ ତାହିର(୫୦), ସେଖ ହାରୁନ(୨୨), କନ୍ଦରପୁର ପରମହଂସର ଗୋରା ଓରଫ ଅଜିମ ଓରଫ ସେଖ ପାଙ୍ଗୀ(୬୦) ଏବଂ ୪୨ମୌଜା ଝିଙ୍କିରିଆର ଜଗଦୀଶ ଗୁଜଟାଟୀ(୪୨) । ଏମାନଙ୍କ ଠାରୁ ୪୨୩ ଗ୍ରାମର ଚାନ୍ଦି, ସୁନା କାନଫୁଲ ସମେତ ସ୍କୁଟି, ୯୬୪ ଟଙ୍କାର କଏନ ଓ ଚୋରିରେ ବ୍ୟବହୃତ ସରଞ୍ଜାମ ଜବତ ହୋଇଛି । କିନ୍ତୁ ମା'ଙ୍କର କେତେକ ମୂଲ୍ୟବାନ ସୁନା ଅଳଙ୍କାର ଜବତ ହୋଇ ପାରିନାହିଁ । ଆଜି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏଡିସିପି ଅନୀଲ ମିଶ୍ର ସୂଚନା ଦେଇଛନ୍ତି ।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ଗତ କିଛି ଦିନ ଭିତରେ ମଧୁପାଟଣା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ଚୋରି ହୋଇଥିଲା । ଜାନୁଆରୀ ୨୫ରେ ସ୍ଥାନୀୟ ଜଗଧାତ୍ରୀ ମନ୍ଦିର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଅଳଙ୍କାର ଓ ଟଙ୍କା ଚୋରାଇ ନେଇଥିଲେ । ପରେ ୨୮ ତାରିଖ ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଦରଘାପାଟଣା ପୂଜା ମଣ୍ଡପର ତାଲା ଭାଙ୍ଗି ପ୍ରତିମାରୁ ଅଳଙ୍କାର, ହୁଣ୍ଡିରୁ ଟଙ୍କା ଏବଂ ଆଲମିରାରୁ ପ୍ରାୟ ୧୦ ଲକ୍ଷର ସୁନା ଅଳଙ୍କାର ଚୋରାଇ ନେଇଥିଲେ । ନିକଟରେ ପୁଣି ଏକ ଦୋକାନରୁ ୨୫ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିଲା । ଘଟଣା ପରେ ଏସିପି ସ୍ୱସ୍ତିକ ପଣ୍ଡା, ଆଇଆଇସି ତୁଷାରକାନ୍ତ ସେଠୀଙ୍କୁ ନେଇ ଗଠିତ ଟିମ ପୂଜା ମଣ୍ଡପର ଫୁଟେଜରୁ ତଦନ୍ତ ଆରମ୍ଭ କରିଥିଲା । କିନ୍ତୁ ଫୁଟେଜରେ ଲୁଙ୍ଗି ପିନ୍ଧା ଦୁର୍ବୃତ୍ତମାନେ ଚାଦରରେ ମୁହଁରେ ଘୋଡାଇ ରଖିଥିବାରୁ ସେମାନଙ୍କୁ ଚିହ୍ନଟ କରିବା ମୁସ୍କିଲ ହୋଇଥିଲା । ତେବେ ପୂଜା ମଣ୍ଡପ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସିସି କ୍ୟାମେରା ଫୁଟେଜ ଯାଞ୍ଚ ସହ ନିଜସ୍ୱ ପୁଲିସ ଖବରଦାତା ଆଧାରରେ କୁଖ୍ୟାତ ସେଖ ପୀରୁ ପାଖରେ ପହଞ୍ଚିଥିଲା ତଦନ୍ତକାରୀ ଟିମ୍ । ଏଥିରେ ସନ୍ଧାନୀ କୁକୁର, ମୋବାଇଲ୍ ଟ୍ରାକିଂ ଓ ଟାୱାର୍ ଡମ୍ପ ସହଯୋଗ କରିଥିଲା । ପୀରୁକୁ ଧରିଆଣି ଜେରା କରିବା ପରେ ସେ ଚୋରି ବିଷୟ ସ୍ୱୀକାର କରିବା ସହ ଅନ୍ୟମାନଙ୍କ ଠିକଣା କହିଥିଲା । ଏହି କ୍ରମରେ ପୁଲିସ ଅଭିଯୁକ୍ତ ହାରୁନ, ଅଜିମ ଓ ଅଳଙ୍କାର ବେପାରୀ ଜଗଦୀଶକୁ ଗିରଫ କରିଥିଲା । ପୀରୁ ପାଖରୁ କିଣିଥିବା ଚୋରି ଅଳଙ୍କାରକୁ ଜଗଦୀଶ ତରଳାଇ ନିଜ ଘରେ ରଖିଥିଲା । ଚଢଉ ବେଳେ ତା ପାଖରୁ ହଳେ ସୁନା ନାକଫୁଲ, ୪୨୩ ଗ୍ରାମର ଚାନ୍ଦି ଖଣ୍ଡ ଜବତ କରାଯାଇଛି । ତେବେ ଅଭିଯୁକ୍ତମାନେ ହୁଣ୍ଡିରୁ ଚୋରାଇଥିବା ସବୁ ନୋଟ ଖର୍ଚ୍ଚ କରିଦେଇଛନ୍ତି । କେବଳ ଅଭିଯୁକ୍ତ ଅଜିମ୍ ପାଖରୁ ୪୬୫ ଏବଂ ପୀରୁ ପାଖରୁ ୪୯୯ ଟଙ୍କାର କଏନ ଜବତ କରାଯାଇଛି । ଏହାସହ ବ୍ୟବହୃତ ସ୍କୁଟି, ଲୁହାରଡ, ଦୁଇଟି ଅଧଭଙ୍ଗା ଛୋଟ ହୁଣ୍ଡି, ଷ୍ଟିଲ ଆଲମିରା, ତାଲା ସହିତ ଦୁଇଟି ମୋବାଇଲ ଜବତ ହୋଇଛି ।

> **ମିଳିନି ମା'ଙ୍କ ସୁନା ଅଳଙ୍କାର**
>
> **୪୨୩ ଗ୍ରାମର ରୁପା, କଏନ୍, ସ୍କୁଟି, ଲୁହାରଡ୍, ଭଙ୍ଗାହୁଣ୍ଡି ଓ ଆଲମିରା ଜବତ**
>
> **ଧରାପକାଇ ଦେଲା 'ମୋବାଇଲ୍ ଟ୍ରାକିଂ' ଓ 'ସନ୍ଧାନୀ କୁକୁର'**
>
> **କୁଖ୍ୟାତ ଚୋର ପୀରକୁ ରିମାଣ୍ଡରେ ଆଣିପାରେ ପୁଲିସ**

### ▶ ନିଜ ଜାଲରେ ନିଜେ ଫସିଲେ

ପୀରୁ ଓ ଅଜିମ୍ ଦରଘାପାଟଣା ପୂଜା ମଣ୍ଡପରେ ପଶି ଚୋରି କରିଥିଲେ । ବାହାରେ ତାଙ୍କୁ ସୁରକ୍ଷା ଦେଉଥିଲା ହାରୁନ୍ । କିଛି ନ ଜାଣିଲା ଭଳି ସେ ସ୍କୁଟି ଧରି ଆଖପାଖରେ ପଇଁତରା ମାରୁଥିଲା । ଘଟଣା ପରେ ମଣ୍ଡପରୁ ବାହାରି ଦୁହେଁ ଗୋଶାଳା ଛକ ଯାଏ ଚାଲିକି ଆସିଥିଲେ । ସେଠାରୁ ହାରୁନ୍ ସ୍କୁଟିରେ ଦୁହିଁଙ୍କୁ ବସାଇ ଆଣିଥିଲା । ପ୍ରଥମେ କନ୍ଦରପୁର ଯାଇ ଅଜିମକୁ ଛାଡିଥିଲା । ପରେ ପୀରୁ ଓ ସେ ଇମାମପଡା ବସ୍ତିକୁ ଫେରିଥିଲେ । ପୁଲିସକୁ ଚକ୍‌ମା ଦେବା ଲାଗି ପୀରୁ ଓ ଅଜିମ୍ ବଞ୍ଜାରାଙ୍କ ଭଳି ଲୁଙ୍ଗି ଓ ଚାଦର ଘୋଡାଇ ହୋଇଥିଲେ । ପୁଣି ଆଗୁଆ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସିସିଟିଭି ଓ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରୁଥିଲେ । ପୁଲିସ ଆନ୍ତଃଜିଲ୍ଲା ଗ୍ୟାଙ୍ଗ ଭାବି ରାଜପଥ ଓ ଟିଂବନ୍ଧର ଫୁଟେଜ ଯାଞ୍ଚ ପରେ ଜଣାପଡିଲା ଯେ, ଦୁର୍ବୃତ୍ତମାନେ କନ୍ଦରପୁର, ନୂଆବଜାର, ଓଏମପି, ଯୋବ୍ରାରୁ ସହର ଭିତର ଦେଇ ସତୀଚଉରା ଯାଏ ଆସିଛନ୍ତି ବୋଲି ଜାଣିଥିଲା । ଏହାପରେ ପୁଲିସ ଶାରୀରିକ ଗଠନ ଓ ଅପରାଧ ଶୈଳୀକୁ ତର୍ଜମା କରି କୁଖ୍ୟାତ ପୀରକୁ ଚିହ୍ନଟ କରିଥିଲା । ଘଟଣା ପରେ ସମସ୍ତେ ନିଜ ନିଜ ଘରେ ରହିଥିଲେ । ୨ ଦିନ ପରେ ଜଗଦୀଶ ଘରକୁ ପୀରୁ ଓ ହାରୁନ୍ ଯାଇ ଚୋରି ଅଳଙ୍କାର ବିକ୍ରି କରିଥିଲେ ।

### ▶ ଗ୍ୟାଙ୍ଗ୍ ଗଢ଼ିଥିଲା କୁଖ୍ୟାତ ଚୋର ପୀରୁ

ପୀରୁ ଦୀର୍ଘ ବର୍ଷ ହେବ ସଂଗଠିତ ଅପରାଧରେ ସକ୍ରିୟ ରହିଛି । ସମ୍ପର୍କୀୟ ଅଜିମ୍ ଓ ହାରୁନକୁ ନେଇ ସେ ଗ୍ୟାଙ୍ଗ ଗଢିଥିଲା । ଖାସକରି ତାଲା ପଡିଥିବା ପ୍ରତିଷ୍ଠାନକୁ ସେ ଟାର୍ଗେଟ କରୁଥିଲା । ରାତି ସମୟରେ ହାରୁନ ଦୁହିଁଙ୍କୁ ନେଇ ଠିକଣା ସ୍ଥାନରେ ଛାଡି ଦେଉଥିଲା । ଉଭୟ ନିରାଶ୍ରୟଙ୍କ ଭଳି ରାସ୍ତା କଡରେ ଶୋଇ ମଉକା ଦେଖି କଳାକନା ବୁଲାଉଥିଲେ । ବୟସ ଓ ବେଶଭୂଷାରୁ କେହି ତାଙ୍କ ହରକତ ବିଷୟରେ ଅନୁମାନ କରୁପାରୁ ନ ଥିଲେ । ଏମିତିକି ବାଟରେ ପୁଲିସ ଅଟକାଇଲେ ମେଡିକାଲ ଯାଉଥିବା କହି ଖସିଯାଉଥିଲେ । ପୀରୁ ନାଁରେ ପୂର୍ବରୁ ମାଲଗୋଦାମ, ବାରଙ୍ଗ, ବିଡାନାସୀ, କନ୍ଦରପୁର, ମର୍କତନଗର, ଜଗତପୁର, ଚୌଦ୍ୱାର ଥାନାରେ ୧୪ଟି ଏବଂ ଅଜିମ ନାଁରେ ୬ଟି ମାମଲା ରହିଛି । ପୂର୍ବରୁ ସେ ଅନେକ ଥର ଗିରଫ ହେବା ସହ ୧୧୦ ଦଫାରେ ପୀରୁକୁ ଜେଲ ପଠାଯାଇଛି । କିନ୍ତୁ ତାର ସ୍ୱଭାବରେ ପରିବର୍ତ୍ତନ ହୋଇନି । ତେଣୁ ଏହି ମାମଲାରେ ତା' ବିରୋଧରେ ପୁଣିଥରେ ୧୧୦ ଦଫା ଯୋଡାଯିବ ବୋଲି ପୁଲିସ କହିଛି ।

## ଭକ୍ତମଧୁ ବିଦ୍ୟାପୀଠରେ ବନ୍ଧୁମିଳନ

**କଟକ,୫ ।୨(ସମିସ):** ଭକ୍ତମଧୁ ବିଦ୍ୟପୀଠ ସ୍କୁଲର ୨୦୦୪ ବ୍ୟାଚ୍‌ର ବନ୍ଧୁମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ପୂର୍ବତନ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଏଥିରେ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପୁରାତନ ଛାତ୍ର ସଂଗଠନ ସଭାପତି ପ୍ରଦୀପ ସିହ୍ନାଙ୍କ ନେତୃତ୍ୱରେ ୬୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଦୀର୍ଘ ୨୦ବର୍ଷ ପରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନେ ପାଠପଢା ସମୟ ସ୍ମୃତିଚାରଣ କରିବା ସହିତ ଭାବରେ ଆଦାନ ପ୍ରଦାନ କରିଥିଲେ । ସ୍କୁଲ୍‌ରେ ଛୋଟ ଛୋଟ ପିଲାମାନଙ୍କୁ ନେଇ ଯୋଗଗୁରୁ ଦେବାଶିଷ ହାଲଦାରଙ୍କର ପୃଷ୍ଟପୋଷକତାରେ ଯୋଗ, ଓଡିଶୀ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ କରାଯାଇଥିଲା । ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା ମହାନ୍ତି, ସଭାପତି ଶ୍ରୀ ସିହ୍ନା, ମନ୍ଦିରା ଦାସ, ନମିତା ମହାନ୍ତି, ଅନୁପମ୍ ସାହୁ, ଜଗନ୍ନାଥ ପଣ୍ଡା, ନକୁଳ ଚନ୍ଦ୍ର ଲେଙ୍କା, ବିଜୟଲକ୍ଷ୍ମୀ ମହାପାତ୍ର, ରମେଶ ଚନ୍ଦ୍ର ଦାସ, ପିତାମ୍ବର ଓଝା, ଶାରଦା ପ୍ରସନ୍ନ ପତି, ଜ୍ୟୋତ୍ସ୍ନା ଦାସ ଓ ବହୁ ସଂଖ୍ୟାର ଛାତ୍ରଛାତ୍ରୀ ଯୋଗଦେଇଥିଲେ ।

## ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା



**କଟକ,୫ ।୨(ସମିସ):** ରାଜବଗିଚା ଲେବର କଲୋନୀ କମ୍ୟୁନିଟି ସେଣ୍ଟର ଠାରେ ବ୍ଲଡ୍ ଡୋନର୍ସ କାଉନସିଲର ପୃଷ୍ଠପୋଷାକ ସଭ୍ୟ ତଥା ମାର୍ଗଦର୍ଶକ ସ୍ୱର୍ଗତ ଡାକ୍ତର ଭୁବନାନନ୍ଦ ମହାରଣାଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲଡ୍ ଡୋନର୍ସ କାଉନସିଲର ସାଧାରଣ ସମ୍ପାଦକ ତଥା ଫେଡେରେସନ୍ ଅଫ ଇଣ୍ଡିଆନ୍ ବ୍ଲଡ୍ ଡୋନର୍ସ ଅର୍ଗାନାଇଜେସନ୍‌ର ଜାତୀୟ ଉପସଭାପତି ଡ. ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶୋକସଭାରେ ୨୯ ନଂ ୱାର୍ଡର କର୍ପୋରେଟର ସୁଶ୍ରୀ ସୁମିତ୍ରା ବସ୍ତିଆ, ବ୍ଲଡ୍ ଡୋନର୍ସ କାଉନସିଲ୍‌ର ସଭାପତି ରାଜେନ୍ଦ୍ର କୁମାର ଚୌଧୁରୀ, ପୁଷ୍ପିତା ମହାପାତ୍ର, ହୃଷିକେଶ ନନ୍ଦ, କୃଷ୍ଣ ପ୍ରସାଦ ଶତପଥୀ, ରାଜ କିଶୋର ଓଝା, ଦେବଦ୍ୱିତୀ ସ୍ୱାଇଁ, ଗୀତାଞ୍ଜଳି ବେଉରିଆ, ରାଜାବଗିଚା ଲେବର କଲୋନୀ ପରିଚାଳନା କମିଟିର ସଭାପତି ଡ. ଅଫଟ ରାୟ, ରୁଦ୍ର ପ୍ରସାଦ ଭୂୟାଁ, ସାଧାରଣ ସମ୍ପାଦକ ପ୍ରଦୀପ୍ତ କୁମାର ସିହ୍ନା, ମହାବୀର କ୍ଲବର ସଭାପତି କାଳୀଚରଣ ପାଣିଗ୍ରାହୀ, ବଳରାମ ପଟ୍ଟନାୟକ, ଦିଲ୍ଲୀପ ସାହୁ, ବିଶ୍ୱଜିତ ପଟ୍ଟନାୟକ, କୁମାରେନ୍ଦ୍ର ପଟ୍ଟନାୟକ, ଦୁଲାଲ କ୍ରିଷ୍ଣ ବିଶ୍ୱାସ, ସୁନୀଲ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ଡ. ମହାରଣାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ନୀରବ ପ୍ରାର୍ଥନା ଓ ସ୍ମୃତି ଚାରଣ କରିଥିଲେ ।

### ଓଡ଼ିଆ ନାଟକ ଏବଂ ଥିଏଟର ମହୋତ୍ସବ ଉଦ୍‌ଯାପିତ

# ଓଡ଼ିଆ ସିନେମାକୁ ଚମକାଉଛି ଓଟିଟି

■ ରେଭେନ୍ସାରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ମହକ

■ ରେଭେନ୍ସାରେ ସିନେ-ପିଜି ପାଠ୍ୟକ୍ରମ ପ୍ରଚଳିତ କରିବାକୁ ଆହ୍ୱାନ



**କଟକ,୫ ।୨(ସମିସ):**

ଓଡ଼ିଆ ସିନେମାର ନିର୍ମାଣଶୈଳି ବଦଳୁଛି । ସିଲଭର୍ ସ୍କ୍ରିନ୍‌ରୁ କ୍ରମଶଃ ମୋବାଇଲ୍ ସ୍କ୍ରିନ୍‌ରେ ଦର୍ଶକ ପହଞ୍ଚି ସାରିଲେଣି । ଓଡ଼ିଆ ସିନେମାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ରୂପରେଖ ଯେତିକି ରୋମାଞ୍ଚକର ସେତିକି ସଂଘର୍ଷମୟ । ଦିନ ଥିଲା ଗୋଟିଏ ସିନେମା ନିର୍ମାଣ କରିବାକୁ ଦୀର୍ଘ ସମୟ କସରତ କରିବାକୁ ହେଉଥିଲା କିନ୍ତୁ ଏବେ ଓଡ଼ିଆ ସିନେମା ଫାଷ୍ଟଫୁଡ୍ ଭଳି ଚଟାପଟ୍ ଓ ଫଟାଫଟ୍ ହେଲାଣି । ଏଭଳି ଘଡିସନ୍ଧି ମୁହୂର୍ତ୍ତରେ ଆଗାମୀ ପିଢ଼ି ସିନେମା ପାଠ ପଢ଼ିବା ପରେ ସିନେମା ନିର୍ମାଣ କରିବାର ସମୟ ଆସିଛି । ସାମ୍ପ୍ରତିକ ଓଡ଼ିଆ ସିନେ ଶିଳ୍ପ ତଥା ସିନେମାକୁ ବିଶ୍ୱ ଦରବାରରେ ପହଞ୍ଚାଉଛି ଓଟିଟି ଭଳି ଡିଜିଟାଲ୍ ପ୍ଲାଟଫର୍ମ । ଗୋଟିଏ ଧାଡିରେ କହିବାକୁ ଗଲେ, ଓଡ଼ିଆ ସିନେମାକୁ ଚମକାଉଛି ଏହି ଓଟିଟି ପ୍ଲାଟଫର୍ମ ବୋଲି ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଆୟୋଜିତ ଓଡ଼ିଆ ନାଟକ ଓ ଥିଏଟର ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଶିଷ୍ଟ ସିନେ ନିର୍ଦ୍ଦେଶକ ବସନ୍ତ ସାହୁ ମତବ୍ୟକ୍ତ କରିଛନ୍ତି ।

ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ଦେବଦାସ ଛୋଟରାୟ ଯୋଗଦେଇ ଓଡ଼ିଆ ଭାଷା ଓ ଓଡ଼ିଆ ସିନେମା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ସେ ତାଙ୍କ ପିତା ତଥା ବିଶିଷ୍ଟ ନାଟ୍ୟକାର ଗୋପାଳ ଛୋଟରାୟ ଓ ବିଶିଷ୍ଟ କଣ୍ଠଶିଳ୍ପୀ ତଥା ସଂଗୀତନିର୍ଦ୍ଦେଶକ ଅକ୍ଷୟ ମହାନ୍ତିଙ୍କ ସ୍ମୃତିଚାରଣ କରିଥିଲେ । ଏହାପରେ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ସିନେମାରେ ପିଜି କରିବା ନିମନ୍ତେ ଏକ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଚଳିତ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ । ବିଜୁ ପଟ୍ଟନାୟକ ଫିଲ୍ମ ଇନଷ୍ଟିଚ୍ୟୁଟ୍‌ରେ ଓଡ଼ିଆ ଛାତ୍ରଛାତ୍ରୀମାନେ ସିନେ ଟେକ୍ନିକ୍ ଶିଖୁଥିବା ବେଳେ ଉନ୍ନତମାନର ନିର୍ଦ୍ଦେଶନା, ଚିତ୍ରନାଟ୍ୟ ନିର୍ଦ୍ଦେଶନା ଓ ସଂଳାପ ଲେଖିବା କାର୍ଯ୍ୟ ଶିକ୍ଷା କରି ପାରୁ ନାହାନ୍ତି । ଯଦି ରେଭେନ୍ସାରେ ପିଜି ପାଠ୍ୟକ୍ରମ ଖୋଲାଯିବ ଓଡ଼ିଆ ସିନେ ଶିଳ୍ପ ଆହୁରି ଆଗକୁ ଯାଇ ପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଅନ୍ୟତମ ଅତିଥି ଭାବେ ସତ୍ୟଜିତ୍ ରାୟ ଫିଲ୍ମ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ହିମାଂଶୁ ଖଟୁଆ ଯୋଗ ଦେଇ 'ସନେମା ପଢିବା'ଶୀର୍ଷକ ଉପରେ ଉଦ୍‌ବୋଧନ ଦେଇଥିଲେ । ସିନେମା ନିର୍ମାଣ ନିମେନ୍ତ ଆବଶ୍ୟକ ପାଠ୍ୟକ୍ରମ ଶେଷ କରିବା ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ବରିଷ୍ଠ ସିନେ ବିତରକ ଦିଲ୍ଲପ ମିଶ୍ର ଯୋଗଦେଇ ଓଡ଼ିଆ ସିନେମା ବିତରଣ ଓ ସିନେମା ହଲ୍ ନିର୍ମାଣ ସମ୍ପର୍କରେ ଆଲୋକପାତ କରିଥିଲେ । ଓଡିଶା ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ ସତ୍ୟବ୍ରତ ତ୍ରିପାଠୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଓଡ଼ିଆ ଭାଷା, ସାହିତ୍ୟ, ନାଟକ, ସିନେମା ଓ ଥିଏଟରର ଅତୀତ,ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରେଭେନ୍ସା ପିଜି କାଉନସିଲର୍ ଅଧ୍ୟକ୍ଷା ଡଃ ଲୁନା ସାମନ୍ତ ଓ କଲଚରାଲ୍ କାଉନସିଲର ଅଧ୍ୟକ୍ଷା ଡଃ ଉର୍ମିଶ୍ରୀ ବେଦମତ୍ତା ନିଜର ବକ୍ତବ୍ୟ ରଖିଥିଲେ । ସେହିପରି ଚଳଚ୍ଚିତ୍ର ନିର୍ମାତା ତଥା ନିର୍ଦ୍ଦେଶକ ଅନୁପମ୍ ପଟ୍ଟନାୟକ ସାମ୍ପ୍ରତିକ ଓଡ଼ିଆ ସିନେମା ନିର୍ମାଣ ଏବଂ ଦର୍ଶକ ଆଶା ଓ ଭାବନାକୁ ଉପସ୍ଥାପନ କରିଥିଲେ । ବରିଷ୍ଠ ସିନେ କଳାକାର ଅଶ୍ରୁମୋଚନ ମହାନ୍ତି କଳାକାର ଜୀବନର ଉତ୍‌ଥାନ ଏବଂ ପତନ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସତ୍ୟଜିତ୍ ରାୟ ଫିଲ୍ମ ଇନଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଶ୍ରୀ ଖଟୁଆ, ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ଅକ୍ଷୟ ପରିଜା ଏବଂ ସିନେମା 'ମାଇଁ ସୁଇଟ୍ ହାଉସ୍'ର ନାୟକ ପ୍ରୀତିରାଜ ଓ ନାୟିକା ନୈନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜିତ ହେଉଥିବା ବେଳେ ରେଭେନ୍ସା କ୍ୟାମ୍ପସ୍‌ରେ ଏହାର ମହକ ବାରି ହୋଇ ପଡ଼ିଥିଲା । ଉପସ୍ଥିତ ସମସ୍ତ ବକ୍ତା ଓ ଅତିଥିମାନେ ସରକାରଙ୍କ ଏହି ମହାନ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଶେଷରେ ବିଶିଷ୍ଟ ବଂଶୀବାଦକ ହରିପ୍ରସାଦ ଚୌରାସିଆଙ୍କ ଉପସ୍ଥିତିରେ ଛାତ୍ର ବଂଶୀ ବାଦନ କରିଥିଲେ । ମୋକ୍ଷ ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା । ଆଜିର କାର୍ଯ୍ୟକ୍ରମରେ ୧୯୩୬ ମସିହାରୁ ୨୦୨୩ ପର୍ଯ୍ୟନ୍ତ ଓଡ଼ିଆ ସିନେମାର ସଂଗୀତ ଏବଂ ସିନେମା 'ମାଟିର ମଣିଷ' ଓ 'ଏଇ ଆକାଶ ତଳେ' ପ୍ରଦର୍ଶିତ ହୋଇଥିଲା ।

## ସିଏମ୍‌ସି କମିଶନରଙ୍କ ଅଭିଯୋଗ ଶୁଣାଣି

**କଟକ,୫ ।୨(ସମିସ):** କଟକ ମହାନଗର ନିଗମ (ସିଏମସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଆଜି ପକ୍ଷରୁ ବିକାଶ ଭବନ କାର୍ଯ୍ୟାଳୟରେ ବିଭିନ୍ନ ଅଭିଯୋଗ ଶୁଣାଣି କରିଛନ୍ତି । କମିଶନରଙ୍କ ଅଧ୍ୟକ୍ଷତାରେ ଏହି ଅଭିଯୋଗ ସମାଧାନ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସମୁଦାୟ ୧୭ଟି ଅଭିଯୋଗର ଶୁଣାଣି ହୋଇଥିଲା । ସେଥିମଧ୍ୟରେ ସିଟି ଇଂଜିନିୟରିଂର ବିଭାଗ ସଂକ୍ରାନ୍ତୀୟ ଡ୍ରେନ, ରାସ୍ତା ମରାମତି ଓ ସ୍ଲାବ ସଂପର୍କରେ ୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସେହିପରି ଏନଫୋର୍ସମେଣ୍ଟ ୨ଟି, ସ୍ୱାସ୍ଥ୍ୟ ସଂପର୍କିତ ଗୋଟିଏ, ପରିମଳ ଉପରେ ୩ଟି, ଏଷ୍ଟାବ୍ଲିଶମେଣ୍ଟ ୨ଟି ଓ ଲାଇସେନ୍ସ ଉପରେ ୨ଟି ଅଭିଯୋଗର ସମାଧାନ କରାଯାଇଥିଲା ବୋଲି ନିଗମ ପକ୍ଷରୁ ସୂଚନା ଦିଆଯାଇଛି । ଅଭିଯୋଗଗୁଡିକ ଉପରେ କ୍ଷେତ୍ର ପରିଦର୍ଶନ କରି ତୁରନ୍ତ ଅଭିଯୋଗକାରୀଙ୍କୁ ନ୍ୟାୟ ପ୍ରଦାନ କରିବା ସକାଶେ କମିଶନର ଶ୍ରୀ ସ୍ୱାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନୁଷ୍ଠିତ ସଭାରେ କମିଶନର ଶ୍ରୀ ସ୍ୱାଇଁଙ୍କ ସମେତ ଅତିରିକ୍ତ କମିଶନର ଅନାମ ପାତ୍ର, ସୋନା ଟୁଡୁ, ସିଟି ଇଂଜିନିୟର ଅତନୁ ସାମନ୍ତ, ଡେପୁଟି କମିଶନର ତଥା ବସ୍ତି ଉନ୍ନୟନ ଅଧିକାରୀ ଶ୍ୱେତପଦ୍ମା ଡି ଶତପଥୀ, ଡେପୁଟି କମିଶନର ଶ୍ୱେତସ୍ନିଗ୍ଧା, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା ଓ ଡେପୁଟି କମିଶନର (ପରିମଳ) ସୁବ୍ରତ ବେହେରା, ସହକାରୀ କମିଶନର ତ୍ରିନାଥ ବେହେରାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।



### ଅସ୍ଥିମଜ୍ଜା ପ୍ରତିରୋପଣ ପରେ ଶୁଭ୍ରାଂଶୁଙ୍କ ମୃତ୍ୟୁ ଘଟଣା

# ଚିକିତ୍ସାରେ ତ୍ରୁଟି ଅଭିଯୋଗ; ଘଟଣାର ତଦନ୍ତ ଦାବି

**କଟକ,୫।୨(ସମିସ)**

ଏସ୍‌ସିବି ହେମାଟୋଲୋଜି ବିଭାଗ ଡାକ୍ତରମାନଙ୍କ ଦ୍ୱାରା ପ୍ରଥମଥର ନିମନ୍ତେ ହାପଲୋ ପଦ୍ଧତିରେ ଅସ୍ଥିମଜ୍ଜା ପ୍ରତିରୋପଣ କରାଯାଇଥିଲା। ବିରଳ ପଦ୍ଧତିରେ ହୋଇଥିବା ଏହି ପ୍ରତିରୋପଣ ଯୋଗୁଁ ଏସ୍‌ସିବି ମେଡିକାଲ ସୃଷ୍ଟି କରିଥିଲା ନୂତନ ଇତିହାସ। ମାତ୍ର ଅସ୍ଥିମଜ୍ଜା ପ୍ରତିରୋପିତ ରୋଗୀ ଶୁଭ୍ରାଂଶୁ ସାହୁଙ୍କର କିଛି ଦିନ ପୂର୍ବେ ଅକସ୍ମାତ ମୃତ୍ୟୁ ଘଟିଥିଲା। ଚିକିତ୍ସାଧିନ ଅବସ୍ଥାରେ ରହିଥିବା ଶୁଭ୍ରାଂଶୁ ପ୍ରାଣ ହରାଇବାକୁ ନେଇ ମେଡିକାଲ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଥିଲେ। ଏହାଛଡ଼ା ବାଥ୍‌ରୁମ୍‌ରେ ପଡିବା ସହ ହୃଦଘାତର ଶିକାର ହୋଇ ସେ ପ୍ରାଣ ହରାଇଥିବା ହେମାଟୋଲୋଜି ବିଭାଗ ପକ୍ଷରୁ କୁହାଯାଇଥିଲା। ସୋମବାର ଶୁଭ୍ରାଂଶୁଙ୍କ ବାପା ସନାତନ ସାହୁ ମଙ୍ଗଳବାଗ ଥାନାର ଦ୍ୱାରସ୍ଥ ହୋଇଥିଲେ। ଚିକିତ୍ସାଜନିତ ତ୍ରୁଟି

### ମଙ୍ଗଳାବାଗ ଥାନାର ଦ୍ୱାରସ୍ଥ ହେଲେ ପରିବାର ଲୋକେ

ଯୋଗୁଁ ତାଙ୍କ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ ଉଠାଇ ସେ ଏତଲା ଦେଇଛନ୍ତି। ଏହି ଘଟଣାର ତଦନ୍ତ ହେଉ ବୋଲି ସନାତନ ଦାବି କରିଛନ୍ତି।

ପ୍ରକାଶଥାଉକି, ଖୋର୍ଦ୍ଧା ଜିଲା କଣ୍ଟାମାଲିମ ଅଞ୍ଚଳର ଶୁଭ୍ରାଂଶୁ(୧୯) ୨୦୧୬ରେ ରକ୍ତକର୍କଟରେ ଆକ୍ରାନ୍ତ ହୋଇ ଏସ୍‌ସିବିରେ ଭର୍ତ୍ତି ହୋଇଥିଲେ। ୨୦୧୯ରେ କର୍କଟରୁ ଆରୋଗ୍ୟଲାଭ କରିଥିଲେ। ୨ବର୍ଷ ପରେ ପୁଣି ଥରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କର ବିଭିନ୍ନ ପରୀକ୍ଷା ନିରୀକ୍ଷା କରାଯିବା ପରେ ଶୁଭ୍ରାଂଶୁ ପୁର୍ନବାର କର୍କଟାକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ଦ୍ୱିତୀୟଥର ଆକ୍ରାନ୍ତ ହୋଇଥିବାରୁ କେମୋଥେରାପି ବଦଳରେ ହାପଲୋ ଆଲୋଜେନିକ ପଦ୍ଧତିରେ ଶୁଭ୍ରାଂଶୁଙ୍କର ଅସ୍ଥିମଜ୍ଜା ପ୍ରତିରୋପଣ କରିବାକୁ ହେମାଟୋଲୋଜି ବିଭାଗର ଡାକ୍ତର ନିଷ୍ପତ୍ତି ନେଇଥିଲେ। ଜଣେ ଉପଯୁକ୍ତ ଷ୍ଟେମ ସେଲ ଦାତା ଚିହ୍ନଟ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶୁଭ୍ରାଂଶୁଙ୍କ ସାନଭାଇ ପ୍ରଭୁଦତ୍ତ ଷ୍ଟେମସେଲ ଦେବାକୁ ସମ୍ମତି ଜଣାଇଥିଲେ। ପ୍ରଭୁଦତ୍ତଙ୍କ ଏଚ୍‌ଏଲଏ(ହ୍ୟୁମାନ ଲିକୋସାଇଟିକ ଆଣ୍ଟିଜେନ) ଶୁଭ୍ରାଂଶୁଙ୍କ ଏଚ୍‌ଏଲଏ ସହିତ ୫୦ପ୍ରତିଶତ ମେଳ ଖାଇବାରୁ ଗତ ୯ ତାରିଖରେ ହାପଲୋ ପଦ୍ଧତିରେ ଆଲୋଜେନିକ ଅସ୍ଥିମଜ୍ଜା ପ୍ରତିରୋପଣ ହୋଇଥିଲା। ମାତ୍ର ପ୍ରତିରୋପଣର ୧୦ଦିନ ପରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ ତଦନ୍ତ ହେବ ବୋଲି ଏସ୍‌ସିବି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ପୂର୍ବରୁ କହିଥିଲେ।

## ପୂର୍ବତନ ଶିକ୍ଷକଙ୍କ ପରଲୋକ



**ତିଗିରିଆ,୫।୨(ସମିସ):** ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅନ୍ତର୍ଗତ ତିନିଗଡ ଉଚ୍ଚ ବିଦ୍ୟାପୀଠର ପୂର୍ବତନ ଶିକ୍ଷକ ଜମ୍ବେଶ୍ୱର ମାଝୀ(୮୫)ଙ୍କର ସୋମବାର ସକାଳେ ତାଙ୍କ ଅଚଳକୋଟସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥାଇ ଶଯ୍ୟାଶାୟୀ ଥିଲେ। ସେ ଜଣେ ଛାତ୍ରବତ୍ସଳ ତଥା ପରୋପକାରୀ ବ୍ୟକ୍ତି ଭାବେ ଜନମାନସରେ ବେଶ ପରିଚିତ ଥିଲେ। ତାଙ୍କ ମୃତ୍ୟୁଖବର ପ୍ରକାଶିତ ହେବା ପରେ ତିଗିରିଆ ବ୍ଲକର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଅଚଳକୋଟସ୍ଥିତ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରା ମଧ୍ୟରେ ଗ୍ରାମ୍ୟ ପରିକ୍ରମା କରାଯିବା ପରେ ମଧ୍ୟାହ୍ନରେ ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତେଷ୍ଟିକ୍ରିୟା ସଂପାଦିତ ହୋଇଛି। ଜ୍ୟେଷ୍ଠପୁତ୍ର ଅଶୋକ ମାଝୀ ମୁଖାଗ୍ନି ପ୍ରଦାନ କରିଥିଲେ।

## କମ୍ବଳ ଓ ବସ୍ତ୍ର ବଣ୍ଟନ

**କିଶନନଗର,୫।୨(ସମିସ):** କିଶନନଗର ସ୍ଥିତ 'ବିପଦର ବନ୍ଧୁ' ସେବା ସଂଗଠନ ତରଫରୁ କମ୍ବଳ ଓ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି। ସଂଗଠନର ସଦସ୍ୟମାନେ ସ୍ଥାନୀୟ ସୁଦଖଣ୍ଡ ପଞ୍ଚାୟତର ପାଣିମାଣ୍ଡୁଅ ଗ୍ରାମରେ ପହଞ୍ଚି ସେଠାରେ ବସବାସ କରୁଥିବା ଅନୁସୂଚିତ ଜନଜାତିର ପରିବାରକୁ କମ୍ବଳ ଓ ନୂତନ ବସ୍ତ୍ର ପ୍ରଦାନ କରିଥିଲେ। ସ୍ୱାମୀ ଅଦୈତା ନନ୍ଦ, ସୀତାରାମ ପଣ୍ଡା, ସୌମ୍ୟ ରଞ୍ଜନ ପଣ୍ଡା, ଭୈରବ ଚନ୍ଦ୍ର ସେଠୀ, ଦୀପକ ମଣ୍ଡଳ ଓ ନୃସିଂହ ପାତ୍ର ପ୍ରମୁଖ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



### ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ

## କଟକ ଇଣ୍ଡିପେଣ୍ଡେଣ୍ଟସ୍ କ୍ଲବ୍ ବିଜୟୀ



**ବାଙ୍କୀ,୫।୨(ସମିସ):** ବାଙ୍କୀ ଆଥେଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ସ୍ଥାନୀୟ କଚେରୀ ପଡିଆଠାରେ ରାଜ୍ୟସ୍ତରୀୟ ପ୍ରାଣକୃଷ୍ଣ ସାହୁ ଓ ହୃଷିକେଶ ସାହୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ଆଜି ଦ୍ୱିତୀୟ ଦିବସ। ଆଜିର ଖେଳ ଭୁବନେଶ୍ୱରସ୍ଥ ବଜରଙ୍ଗୀ ଫୁଟବଲ୍ ଟିମ୍ ସହିତ କଟକର ଇଣ୍ଡିପେଣ୍ଡେଣ୍ଟସ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ଦଳ ୨-୨ ଗୋଲରେ ସମାନ ରହିବା ଫଳରେ ଟ୍ରାଇବ୍ରେକର ଜରିଆରେ କଟକର ଇଣ୍ଡିପେଣ୍ଡେଣ୍ଟସ୍ ଦଳ ୮-୯ରେ ବିଜୟୀ ହୋଇଛି। ଖେଳକୁ କୃପାସିନ୍ଧୁ ପ୍ରଧାନ, ତପନୀ ନାୟକ ଓ ବାଦଲ୍ ନାୟକ ପରିଚାଳନା କରିଥିଲେ। ଅତିଥିଭାବେ ଖୋର୍ଦ୍ଧା ଜିଲ୍ଲା ମ୍ୟାଚ୍ କମିଶନର ତଥା ଜାତୀୟସ୍ତରୀୟ ଖେଳାଳୀ ଦୟାନ୍ ଖାଁ ଓ ସମ୍ମାନୀତ ଅତିଥି ଭାବେ କୁଶପଲ୍ଲା ଆଥଲେଟିକ୍ ଆସୋସିଏସନର ସଂପାଦକ ଅନସୁର୍ ଖାନ୍ ଓ ବାଙ୍କୀ ଏନ୍‌ଏସି କାଉନସିଲର୍ ପଠାଣୀ ବେହେରା ଯୋଗଦେଇଥିଲେ। ଆସନ୍ତା କାଲି ଚୌଦ୍ୱାର ଫୁଟବଲ୍ ଏକାଡେମୀ ସହିତ ଟାଙ୍ଗୀ ରଘୁନାଥଜୀୟୁ ଫୁଟବଲ୍ କ୍ଲବ ସହିତ ଖେଳ ଅନୁଷ୍ଠିତ ହେବ ବୋଲି ଆସୋସିଏସନର ସାଧାରଣ ସଂପାଦକ ସନ୍ତୋଷ ରଣା ପ୍ରକାଶ କରିଥିଲେ।

## ସ୍ମାର୍ଟ ଶ୍ରେଣୀଗୃହ ଶିଳାନ୍ୟାସ



**ଚୌଦ୍ୱାର,୫।୨(ସମିସ):** ଚୌଦ୍ୱାର ଡିଗ୍ରୀ ମହାବିଦ୍ୟାଳୟରେ ଅତିରିକ୍ତ ସ୍ମାର୍ଟ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। '୫-ଟି' ଯୋଜନା ମାଧ୍ୟମରେ ୧ କୋଟି ୨୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ନିର୍ମାଣ ହେବାକୁ ଥିବା ଅତ୍ୟାଧୁନିକ ଶ୍ରେଣୀଗୃହର ବିଧାୟକ ସୌଭିକ୍ ବିଶ୍ୱାଳ ଶିଳାନ୍ୟାସ କରିଥିଲେ। ଅଧ୍ୟାପକ ସଞ୍ଜୟ କୁମାର ଧଳଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଜେଡ଼ି ନଗର କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ସ୍ଥାନୀୟ କାଉନସିଲର ଆଶୁତୋଷ ଦାସ, ଆର ଏଣ୍ଡ ବି ଏସ୍‌ଡିଓ ନିର୍ମଳ ପଣ୍ଡା, ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଶ୍ୱାଳ, ଛାତ୍ର ସଭାପତି ଶାରଦା ରଞ୍ଜନ ପରିଜା, ସୁବାସ ଚନ୍ଦ୍ର ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଓ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ବାଙ୍କୀ ବିଜେଡିର ମିଶ୍ରଣ ପର୍ବ



**ବାଙ୍କୀ,୫।୨(ସମିସ):** ଡମପଡ଼ା ବ୍ଲକ ତାଳବସ୍ତ ଗ୍ରାମପଞ୍ଚାୟତ ଅଧୀନ ତଳଭେଜିପୁଟ ଗ୍ରାମର କାଳେନ୍ଦୀ ନାଏକ, ଗୌରାଙ୍ଗ ସାମଲ, କରୁଣାକର ସାମଲ, ଘଡେଶ୍ୱର ନାଏକ, ଶଙ୍କର୍ଷଣ ସ୍ୱାଇଁ, କାଶିନାଥ ନାଏକ, ଅଶୋକ ନାଏକ, ଅଞ୍ଚଳ ନାଏକ ପ୍ରମୁଖ ବିଜେଡିରେ ଯୋଗଦେଇଛନ୍ତି। ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଡମପଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ପାତ୍ରଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା।

## କଲେଜ ବିରୋଧରେ ଅଶାଳୀନ ପୋଷ୍ଟ; ଥାନାରେ ମାମଲା

**ବଡମ୍ବା,୫।୨(ସମିସ):** ବଡ଼ମ୍ବା ବ୍ଲକ ମାଣିଆବନ୍ଧ ଥାନା ଅଧୀନ ବିଧାରପୁର ଆରପି ସ୍ନାତକ ମହାବିଦ୍ୟାଳୟର ଛାତ୍ରୀ ଓ ଅଧ୍ୟାପିକାଙ୍କୁ ନେଇ ଆଶାଳୀନ ପୋଷ୍ଟ କରିବା ମହଙ୍ଗା ପଡିଲା। ନୂଆପାଟଣା ଅଞ୍ଚଳର ଜଣେ ଯୁବକଙ୍କ ନାଁ ରେ ଅଭିଯୋଗ ହେବା ପରେ ମାମଲା ରୁଜୁ କଲା ମାଣିଆବନ୍ଧ ପୁଲିସ। ତେବେ ଯୁବକ ଜଣଙ୍କ ସୋସିଆଲ ମିଡ଼ିଆରେ ଆରପି କଲେଜ ଓ ମହିଳା କର୍ମଚାରୀଙ୍କ ନାଁ ରେ ଅଶ୍ଳିଳ ଶବ୍ଦ ପ୍ରୟୋଗ କରୁଥିଲେ। ଏନେଇ ଆଜି ପ୍ରିନ୍ସିପାଲ କାହ୍ନୁଚରଣ ନାୟକଙ୍କ ସମେତ ଷ୍ଟାଫ ଓ ଛାତ୍ରଛାତ୍ରୀ ମାଣିଆବନ୍ଧ ଥାନାରେ ପହଞ୍ଚି ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଥାନା ଅଧିକାରୀ ତଦନ୍ତ ଆରମ୍ଭ କରିଛନ୍ତି।

## ସ୍କୁଟି ସହ ମଦ ଜବତ; ୨ ଗିରଫ

**ଆଠଗଡ଼,୫।୨(ସମିସ):** ଆଠଗଡ଼ ପୁଲିସ ପକ୍ଷରୁ ପଚାଶ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡିଛି। ଏଥି ସହିତ ମଦ ପରିବହନରେ ବ୍ୟବହାର କରାଯାଇଥିବା ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଛି। ଆଠଗଡ଼ ଥାନା ପକ୍ଷରୁ ପେଟ୍ରୋଲିଂ ସମୟରେ ଆଠଗଡ଼ ଥାନା ଅନ୍ତର୍ଗତ ଗଦାଧରପୁର ଚାଇଁପୁର ଠାରୁ ୨୫ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ କଟକ ଶଗଡିଆ ସାହି ଅଞ୍ଚଳର ଚନ୍ଦନ ସ୍ୱାଇଁଙ୍କୁ ଗିରଫ କରାଯାଇଥିବା ବେଳେ ମଦ ପରିବହନରେ ବ୍ୟବହାର କରାଯାଇଥିବା ଏକ ସ୍କୁଟି ଜବତ କରାଯାଇଛି। ଏଥି ସହିତ ଆଠଗଡ଼ ଥାନା ଅନ୍ତର୍ଗତ ବଢେଇତୋଟାର ବିନୋଦ ନାଏକଙ୍କୁ ୨୫ ଲିଟର ଚୋରା ଦେଶୀ ରନ୍ଧା ମଦ ସହିତ ଗିରଫ କରାଯାଇଛି। ଉଭୟ ଗିରଫ ଅଭିଯୁକ୍ତଙ୍କୁ ଆସନ୍ତାକାଲି କୋର୍ଟ ଚାଲାଣ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଶକୁନ୍ତଳା ଦାସ ପ୍ରକାଶ କରିଛନ୍ତି।

## ବାଙ୍କୀରେ ଭାରତୀୟ କିଷାନ ସଂଘ ବୈଠକ

**ବାଙ୍କୀ,୫।୨(ସମିସ):** ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ଗୋପାଳପୁର ଠାରେ କଟକ ଜିଲ୍ଲାସ୍ତରୀୟ ଭାରତୀୟ କିଷାନ ସଂଘର ଏକ ବୈଠକ ସଂଘର ଜିଲ୍ଲା ସଭାପତି ରବିନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟପକ ମନୋଜ ମହାପାତ୍ର, ଚନ୍ଦ୍ରଶେଖର ସାମଲ, ବାଙ୍କୀ ଶାଖାର ସଭାପତି ପ୍ରମୋଦ ପ୍ରଧାନ, ସନ୍ତୋଷ ସ୍ୱାଇଁ, ଗଙ୍ଗାଧର ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ଅମରକାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର ବିଭିନ୍ନ ସ୍ଥାନରେ ବୈଠକ କରାଯାଇ ସଦସ୍ୟତା ଗ୍ରହଣ ପାଇଁ ଏକ ଅଭିଯାନ କରାଯିବ ବୋଲି ବରିଷ୍ଠ ସଦସ୍ୟ ଜୟକୃଷ୍ଣ ପ୍ରଧାନ କହିଥିଲେ। ମୁକେଶ ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ






### କେନ୍ଦୁପାଟଣା ପଞ୍ଚାୟତ

**ନିଶ୍ଚିନ୍ତକୋଇଲି,୫।୨(ସମିସ):** କେନ୍ଦୁପାଟଣା ପଞ୍ଚାୟତ ଅଧୀନ ନଟରାଗ୍ରାମର ଆରାଧ୍ୟ ଦେବୀ ନଟରାଶୁଣୀପୀଠରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ପ୍ରଗତିପ୍ରଭା ମହାନ୍ତିଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା, ସମ୍ମାନିତ ଅତିଥିଭାବେ ବ୍ଲକ ବିଜେଡି ସଭାପତି ରମାକାନ୍ତ ମହାନ୍ତି, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର, ବିଜେଡି କୃଷକ ନେତା ଜ୍ୟୋତିପ୍ରକାଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କାପ, ଅଧ୍ୟକ୍ଷାଙ୍କ ପ୍ରତିନିଧି ମନୋଜ ସେଠୀ, ସିଡିପିଓ ସତ୍ୟଭାମା ବିଶୋଇ, ବ୍ଲକ ମହିଳା ମହାସଂଘର ସଭାନେତ୍ରୀ କନକଲତା ମହାନ୍ତି, ସମ୍ପାଦକ ସତ୍ୟଭାମା ନାୟକ, ନାଏବ ସରପଞ୍ଚ ଫଗୁଣ ସାହୁଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟସଭ୍ୟାମାନେ ଯୋଗଦେଇଥିଲେ। ଏହି ଅବସରରେ ପଞ୍ଚାୟତର ବୟଜ୍ୟେଷ୍ଠ ବ୍ୟକ୍ତି, ପ୍ରାକ୍ତନ ରାଜନେତା ଓ ଲୋକପ୍ରତିନିଧି ସ୍କୁଲ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା। ଶେଷରେ ପ୍ରଦୀପ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଳଦା ପଞ୍ଚାୟତ

**ନିଶ୍ଚିନ୍ତକୋଇଲି :** ନିଶ୍ଚିନ୍ତକୋଇଲି ବ୍ଲକ ପାଳଦା ପଞ୍ଚାୟତର ଆମ ଓଡିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପୂର୍ବତନ ଜିଲ୍ଲାପରିଷଦ ଅଚ୍ୟୁତାନନ୍ଦ ଦାସଙ୍କ ସଭାପତିତ୍ୱରେ ସରପଞ୍ଚ ଚିନ୍ମୟୀ ବେହେରା, ସମିତିସଭ୍ୟା ସୌଭାଗ୍ୟଲକ୍ଷ୍ମୀ ମଲିକ, କଟକ ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ନୃସିଂହ ମୁଦୁଲି, ବରିଷ୍ଠ ବିଜେଡି ନେତା ରମେଶ ସ୍ୱାଇଁ, ଜିଲ୍ଲାପରିଷଦ ସଭ୍ୟ ବିଳାସ ଭୋଇ, ସମିତିସଭ୍ୟ ବିଶ୍ୱେନ୍ଦୁ ମହାରଣା, ରଞ୍ଜନ ବେହେରା, ବିଶ୍ୱଭୂଷଣ ନାୟକ, ଦୀପାଞ୍ଜଳି ଦାସ, ମୋନାଲିସା ମଲ୍ଲିକ, ନନ୍ଦିନୀ ନାୟକ, ସୁପରଭାଇଜର ହେମାଙ୍ଗିନୀ ନାୟକ, ଗୀତା ମହାନ୍ତି, ପିଇଓ ଝିଲି ବେହେରା, ତାରାକାନ୍ତ ମଲିକ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ହୋଇଥିବା ପ୍ରକଳ୍ପ ଗୁଡିକର ନାମ ଘୋଷଣା କରିଥିଲେ।

### ଦୁର୍ଗାପୁର ପଞ୍ଚାୟତ




**ବାଙ୍କୀ :** ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁର୍ଗାପୁର ଗ୍ରାମପଞ୍ଚାୟତର ବାଙ୍କୀଗଡ଼ ଠାରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସଭା ସମବାୟବିତ୍ ସମରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଦୁର୍ଗାପୁର ଗ୍ରାମପଞ୍ଚାୟତକୁ ଆମ ଓଡ଼ିଶା ନବୀନ ଓଡ଼ିଶା ମାଧ୍ୟମରେ ୧୭ଟି ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା ଅନୁଦାନ ରାଶି ମିଳିବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ୍, ସମ୍ମାନୀୟ ଅତିଥି ଭାବେ ପଞ୍ଚାୟତର ସରପଞ୍ଚ ଭାରତୀ ମହାପାତ୍ର, ସମାଜସେବୀ ତଥା ପୂର୍ବତନ ସରପଞ୍ଚ ଅଦୈତ୍ୟ ମହାପାତ୍ର, ଏବିଡିଓ ଶ୍ରୀକାନ୍ତ ମହାନ୍ତି, ସମାଜସେବୀ ଲଳିତ ମୋହନ ମହାପାତ୍ର, କଟକ ଜିଲ୍ଲା ବିଜେଡି ସଂପାଦକ ସନାତନ ବେହେରା, ଏନ୍‌ଏସି ଉପନଗରପାଳ ସନ୍ତୋଷ ରଣା, ସରକାରୀ ଓକିଲ ପବିତ୍ର ମୋହନ ପଟ୍ଟନାୟକ, କାର୍ଯ୍ୟନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ପାଲ୍, ପ୍ରଭାସିନୀ ଜେନା, ସମାଜସେବୀ ମାନସ ମହାପାତ୍ର, ପ୍ରଭାସିନୀ ଜେନା ପ୍ରଭୃତି ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମିତି ସଭ୍ୟ ଶ୍ରୀକାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ତୁଳସୀପୁର ପଞ୍ଚାୟତ

**ବାଙ୍କୀ :** ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡମପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଣବ କିଶୋର ପଟେଲ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ତୁଳସୀପୁର ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଲୋକମାନଙ୍କୁ କହିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ତୁଳସୀପୁର ପଞ୍ଚାୟତ ସରପଞ୍ଚ ଶରତ ପ୍ରଧାନ, ସମିତିସଭ୍ୟ ନାରାୟଣ ଜେନା, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ନରଗାଙ୍ଗ ସରପଞ୍ଚ ରେବତୀ ଜେନା, ରଗଡି ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ଶିକ୍ଷାବିତ୍ ଭୀମସେନ ନାୟକ, ନରଗାଙ୍ଗ ସମିତି ସଭ୍ୟ ପ୍ରଶାନ୍ତ ମତଗଜ ସିଂହ, ତୁଳସୀପୁର ସେବା ସମବାୟ ସମିତି ସଭାପତି ପ୍ରମୋଦ ମହାନ୍ତି, ଧୋବା ମଲ୍ଲିକ, ସମାଜସେବୀ ଅର୍ଜୁନ ସାହୁ, ଦୁଃଖିଶ୍ୟାମ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଯଯାତିକେଶରୀ ମହାପାତ୍ର, କନିଷ୍ଠଯନ୍ତ୍ରୀ ସୌମେନ୍ଦ ସାମନ୍ତରାୟ ପ୍ରଭୃତି ଯୋଗଦାନ କରିଥିଲେ।

### ଜରିପଡ଼ା ପଞ୍ଚାୟତ

**ଟାଙ୍ଗୀ :** ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟ ଓ ଯୋଜନା ସଂକ୍ରାନ୍ତରେ ସଚେତନତା ସୃଷ୍ଟି ନିମନ୍ତେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ତଥା ସାଲେପୁର ନିର୍ବାଚନ ମଣ୍ଡଳୀ ଜରିପଡା ପଞ୍ଚାୟତ ପକ୍ଷରୁ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ପ୍ରସନ୍ନ ପ୍ରଧାନଙ୍କ ପୌରହିତ୍ୟରେ ଆୟୋଜିତ ଶିବିରରେ ଟାଙ୍ଗୀ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନାକ୍ଷୀ ଦାସ, ପୂର୍ବତନ ସରପଞ୍ଚ ପଞ୍ଚାନନ ଶତପଥି, ପୂର୍ବତନ ସମିତିସଭ୍ୟ କରୁଣାକର ବେହେରା, ଆମ୍ବ ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଯୁବ ସଂଗଠକ ଜନ୍ମେଜୟ ଖିଲାର, ଗୋବିନ୍ଦ ଦାସ, ପଞ୍ଚାୟତ ଯୁବ ସଭାପତି ଭୂବନମୋହନ ଜେନା, ଚିତ୍ତରଞ୍ଜନ ଦାସ, ସୁବାଷ କର, ସମାଜସେବୀ କୁନା ଦାସ, ରାଜେଶ କର ଓ ଅଭୟ ତ୍ରିପାଠୀ ଓ ମିଶନ ଶକ୍ତି ସଭାପତି ରୀତା ସ୍ୱାଇଁ, ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ଧିରେନ୍ଦ୍ର ଜେଠୀ ମଞ୍ଚ ପରିଚାଳନା କରିଥିବାବେଳେ ସରକାରୀ ଯୋଜନା ସଂକ୍ରାନ୍ତରେ ଏବିଡିଓ ଶାଶ୍ୱତ କୁମାର ଜେନା ଆଲୋକପାତ କରିଥିଲେ।






## ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ଟାଙ୍ଗୀ, ୫।୨(ସମିସ):** ଟାଙ୍ଗୀ ଚୌଦ୍ୱାର ବ୍ଲକ ଅର୍ନ୍ତଗତ ଜରିପଡ଼ା ପଞ୍ଚାୟତସ୍ଥ ବଜ୍ରବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟ ପଇଗୁଆଁ ଠାରେ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷକ ନାଥ ମାରାଣ୍ଡିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କ୍ଷୀରେଶ୍ୱର ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଦୀପ କୁମାର ରଥ, ସମ୍ମାନିତ ଅତିଥି ସରପଞ୍ଚ ସଂଯୁକ୍ତା ସେଠୀ, ସମିତିସଭ୍ୟା ମମତା ତରାଇ, ବରିଷ୍ଠ ଶିକ୍ଷକ ସଞ୍ଜୟ ଜେନା, ନୀଳକଣ୍ଠ ବ୍ରହ୍ମା, ତପନ ଜେନା, ନିର୍ମଳ ଚନ୍ଦ୍ର ରାଉତ ଉପସ୍ଥିତ ରହିଥିଲେ। ଶେଷରେ ଶିକ୍ଷକ ଗିରିଜା ପ୍ରସାଦ ଆଚାର୍ଯ୍ୟ ଅତିଥିଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ପରିବେଶ ସଚେତନତା କାର୍ଯ୍ୟକ୍ରମ

**ବାଙ୍କୀ, ୫।୨(ସମିସ):** ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁରର ଭଗବତୀ ବାଳିକା ଉଚ୍ଚବିଦ୍ୟାଳୟରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରକୃତି ବନ୍ଧୁ ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜୟ ପଣ୍ଡା, ରାଜେଶ ମହାରଣା, ସୁପ୍ରିୟା ସେଠୀ, ସରୋଜ ଖୁଣ୍ଟିଆ, ସବିତା ପ୍ରଧାନ, ସୁଚିତ୍ର ବେଉରା, ବିକ୍ରମ ବେହେରା, ପରମାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରି ଉତ୍କଳ ଜନନୀ ସଙ୍ଗୀତ ଗାନ କରିବା ସହିତ ପରିବେଶ ସଚେତନତା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଭାପତିତ୍ୱ କରିଥିଲେ।

## ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




**ବାଙ୍କୀ, ୫।୨(ସମିସ):** ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ଆନୁକୂଲ୍ୟରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପକ ରାଜକିଶୋର ପାଲ୍‌ଙ୍କୁ ବିଭାଗ ତରଫରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଯୋଗଦାନ କରି ବିଦାୟ ନେଉଥିବା ପ୍ରାଧ୍ୟାପକ ପାଲ୍‌ଙ୍କୁ ଜଣେ କର୍ମନିଷ୍ଠ ଓ ଛାତ୍ର ବତ୍ସଳ ଅଧ୍ୟାପକ ଭାବେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ପ୍ରାଧ୍ୟାପକ ପାଲ୍‌ଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ନୂତନ ବିଭାଗୀୟ ମୁଖ୍ୟ କେ.ଏମ୍. ସୁବାଶିଷ ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜସେବୀଙ୍କ ପରଲୋକ



**କଟକ, ୫।୨(ସମିସ):** ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜ୍ୟେଷ୍ଠପୁତ୍ର ସମାଜସେବୀ ଦେବେନ୍ଦ୍ର ପ୍ରଧାନଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ମୃତ୍ୟୁ ଖବର ପାଇ ତାଙ୍କ ପୈତୃକ ଗ୍ରାମ ସଦର ବ୍ଲକ ଅନ୍ତର୍ଗତ ଗତିରାଉତପାଟଣା(ଢିଅସାହି) ବାସଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ସେ ଗ୍ରାମର ମହନ୍ତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତୁରା ମୁକେଶ ପ୍ରଧାନ ମୁଖାଗ୍ନି ଦେଇଥିଲେ।

## ଭାଷା, ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା

**ଚୌଦ୍ୱାର, ୫।୨(ସମିସ):** ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ଚାଟେଶ୍ୱର ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସରିଫା ବେଗମଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାଉନସିଲର ଆଶୁତୋଷ ଦାସ, ନଗର ବିଜେଡି କାର୍ଯ୍ୟକାରୀ ସଭାପତି ବିମଳ ବେଉରା, ତପସ୍ୱିନୀ ପରିଡ଼ା, ଫତିମା ବିବି ପ୍ରମୁଖ ଅତିଥିଭାବେ ଯୋଗଦେଇ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନୁରୂପଭାବେ ମଙ୍ଗରାଜପୁର ପଞ୍ଚାୟତର ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ଭାଷା ସାହିତ୍ୟ ଓ ସୃଜନଶୀଳତା ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନାତନ କଳାଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ହସ୍ତଶିଳ୍ପ କଳାକୃତି, ଚିତ୍ରାଙ୍କନ, ବକ୍ତୃତା, କୁଇଜ, ସଙ୍ଗୀତ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜୟୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

### ନିଆଳିରେ ମିଳିତ ଜନଶୁଣାଣି ଶିବିର

# ୮୭ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

**ନିଆଳି, ୫।୨(ସମିସ)**

**୪୦ ଅଭିଯୋଗର ତତ୍କାଳ ସମାଧାନ**



ନିଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ସୋମବାର କଟକ ଜିଲ୍ଲାପାଳ ବିନିତ୍ ଭରଦ୍ୱାଜଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୮୭ଜଣ ଅଭିଯୋଗକାରୀ ଅଭିଯୋଗ କରିଥିବା ବେଳେ ସେଥିମଧ୍ୟରୁ ୪୦ଟି ତତ୍କାଳ ସମାଧାନ ହୋଇଥିବା ଜଣାଯାଇଛି। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୮୪ଟି ହୋଇଥିବା ବେଳେ ୩ଟି ସାମୁହିକ ଅଭିଯୋଗ ହୋଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା, ପାନୀୟଜଳ ସମସ୍ୟା, ରାସ୍ତା ସମସ୍ୟା, ରାସନକାର୍ଡ଼ ସମସ୍ୟା ପାଇଁ ବହୁ ଅଭିଯୋଗ ହୋଇଥିଲା। ରେଡ୍‌କ୍ରସ୍ ପକ୍ଷରୁ ସହାୟତା ପାଇଁ ୩ଜଣ ଆବେଦନ କରିଥିଲେ। ଏହି ଜନଶୁଣାଣି ଶିବିରରେ ଉପଜିଲ୍ଲାପାଳ କମଲଜିତ୍ ଦାସ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁବାସ ରାୟ, ଅତିରିକ୍ତ ଜିଲ୍ଲାପାଳ ଶିବ ଶଙ୍କର ଟପୋ, ଗ୍ରାମାଞ୍ଚଳ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମକରନ୍ଦ ବେଉରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ ରଥ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ ଗୀତାଂଶୁ ମୋହନ ଦାସ, ବିଡ଼ିଓ ଉଲ୍ଲାସ ଚନ୍ଦ୍ର ସେଠୀ, ଅତିରିକ୍ତ ତହସିଲଦାର ଦର୍ଯ୍ୟୋଧନ ସାହୁ, ସହକାରୀ ନିର୍ବାହୀଯନ୍ତ୍ରୀ ରାମରତନ ଭୂୟାଁଙ୍କ ସମେତ ନିଆଳି ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାଲେପୁର ହାଇସ୍କୁଲର ବାର୍ଷିକ ଉତ୍ସବ

**ସାଲେପୁର, ୫।୨(ସମିସ):** ସାଲେପୁର ହାଇସ୍କୁଲ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଞ୍ଜନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସାଲେପୁର ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଡ. ସନ୍ତୋଷ ନାୟକ, ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଜଗବନ୍ଧୁ ଶତପଥି, ଆଲୁମିନି ସଭାପତି ମିହିର ଜେନା, ପୁରାତନ ଛାତ୍ର ତଥା ଯୁବ ସମାଜସେବୀ ନନ୍ଦକିଶୋର ଭୂୟାଁ ଓ ଟେଲିଭିଜନ ଅଭିନେତ୍ରୀ ସୁଭଦ୍ରା ମହାନ୍ତି ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

## ଅଟଳ ସେନା ପକ୍ଷରୁ ଆଲୋଚନାଚକ୍ର




**ସାଲେପୁର, ୫।୨(ସମିସ)**

ଅଟଳ ସେନା ଓଡ଼ିଶା ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ସାଲେପୁର ଶାଖା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୯୦ତମ ଶ୍ରାଦ୍ଧଦିବସ ସାଲେପୁରଠାରେ ଅଟଳ ସେନାର ରାଜ୍ୟ ସଭାପତି ଦିବାକର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେନା ପକ୍ଷରୁ ପୂର୍ବାହ୍ନରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା ଓ ଅପରାହ୍ନରେ ଓଡ଼ିଶାର ସ୍ୱାଭିମାନ ଆଜିର ଆହ୍ୱାନ ଶୀର୍ଷକ ଏକ ଆଲୋଚନା ଚକ୍ରକୁ ମୁଖ୍ୟଅତିଥି ପୂର୍ବତନ ବିଧାୟକ ଡ. ସିପ୍ରା ମଲ୍ଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରଫେସର ପ୍ରଭାତ କିଶୋର ନାୟକ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ଅକ୍ଷୟ ଦାଶ, ମନୋଜ ଆଚାର୍ଯ୍ୟ, ଚିନ୍ତନ ପରିଷଦ ଉପାଧ୍ୟକ୍ଷ ସୀତାରାମ ପଣ୍ଡା ଯୋଗଦେଇଥିଲେ। ଏହି ଆଲୋଚନାଚକ୍ରରେ ଅଟଳ ମହିଳା ସଂଘ ସଭାନେତ୍ରୀ ଦିପ୍ତିମୟୀ ରାଉତ, ଉପଦେଷ୍ଟା ଲକ୍ଷ୍ମୀନାରାୟଣ ନାୟକ, ଶିକ୍ଷାବିତ୍ ଝରିସୁନ୍ଦର ମଲ୍ଲିକ, ଯୁବ ସଂଗଠକ ସମ୍ବିତ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଜଗନ୍ନାଥ ବସ୍ତିଆ, ସସ୍ମିତା ବେହେରା, ସଂଯୁକ୍ତା ବେହେରା, ନିରଞ୍ଜନ ଜେନା, ଅଶୋକ କାଣ୍ତି, ବିଜୟିନୀ ନାୟକ, ସରୋଜିନୀ ବାରିକ, ସୋମନାଥ କାଣ୍ତି, ଅଶୋକ ବେହେରା, ରାମନାରାୟଣ ପଣ୍ଡା, ଗୌତମ ବେହେରା, ଶିବଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲାବେଳେ ମହିଳା ସଂଘ ସମ୍ପାଦକ ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆ-ଓ' ଓଡ଼ିଆ ଭାଷା ସାହିତ୍ୟ ପ୍ରତିଯୋଗିତା

**ତିଗିରିଆ, ୫।୨(ସମିସ)**

ତିଗିରିଆ ବ୍ଲକ ନିଜିଗଡ଼ସ୍ଥିତ କଳିଙ୍ଗ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ 'ନୂଆ-ଓ' ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟରେ ଅଧ୍ୟକ୍ଷା କୁଙ୍କୁମିତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ପ୍ରଣବ ପଟ୍ଟନାୟକ, ଜଗବନ୍ଧୁ ସାମନ୍ତ, ଅଧ୍ୟାପକ ଗଣେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଓଡିଆ ଭାଷା ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓଡିଆ ଭାଷା ସାହିତ୍ୟ ପ୍ରତିଯୋଗିତାର ନୋଡାଲ ଅଫିସର ଅଧ୍ୟାପିକା ପୁଷ୍ପଲତା ଷଡଙ୍ଗୀ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟାଳୟର ଲାଇବ୍ରେରିଆନ ପ୍ରସନ୍ନ ପଣ୍ଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା ସ୍ମିତା ମିଶ୍ର, ଅନୁରକ୍ତା ଜେନା, ଜ୍ୟୋତିଶିଖା ରଥ, ଅଧ୍ୟାପକ ସରୋଜ ପାତ୍ର, ସଂଯୁକ୍ତା ସ୍ୱାଇଁ, ତୃପ୍ତିମୟୀ ବେହେରା, ଆଲୋକ ରଞ୍ଜନ ପଣ୍ଡା, ଶିଶିର ନାୟକ, ଅଭୟ ସ୍ୱାଇଁ, ବରିଷ୍ଠ କିରାଣୀ ସୁବାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



## ଗୋବିନ୍ଦପୁର ପଞ୍ଚାୟତରେ ଜନସଚେତନତା କାର୍ଯ୍ୟକ୍ରମ




**ବାଙ୍କୀ, ୫।୨(ସମିସ)**

ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ଼-ଗୋବିନ୍ଦପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଭାଗ୍ୟଲକ୍ଷ୍ମୀ ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ମୁଖ୍ୟବକ୍ତା ବ୍ଲକ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ଏବଂ ସମ୍ମାନୀତ ଅତିଥିଭାବେ କନ୍ତପହଁରା ସରପଞ୍ଚ ଗତିକୃଷ୍ଣ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟା ରଶ୍ମିରେଖା ପଣ୍ଡା, ପ୍ରମୋଦ ରଣା ଓ ସାଇପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ଆମ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମାନସ ମହାପାତ୍ର ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଧର୍ମପରାୟଣ ବ୍ୟକ୍ତିଙ୍କ ବିୟୋଗ

**ମାହାଙ୍ଗା, ୫।୨(ସମିସ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ସିପୁରା ଗ୍ରାମର ପିତାମ୍ବର ରାଉତ (୮୪)ଙ୍କର ପରଲୋକ ହୋଇଯାଇଛି। ସେ ତାଙ୍କ ବାସଭବନରେ ଥିବାବେଳେ ହଠାତ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବ ହୋଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗ୍ରାମ ଶ୍ମଶାନରେ ଶବଦାହ କରାଯାଇଥିବାବେଳେ ପୁତ୍ର ବିଭୂତି ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଭ୍ରାତା ନରେନ୍ଦ୍ର ରାଉତରାୟ, ପୁତ୍ର ଅମୀୟ ରାଉତରାୟ, ଅମରେନ୍ଦ୍ର ରାଉତରାୟ, ପୁତୁରା, ଭଣଜା, ନାତି, ଜ୍ୱାଇଁ ଓ ଗ୍ରାମବାସୀ ଶୋକ ବ୍ୟକ୍ତ କରିଥିଲେ।

## ବିଜୁବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ଦାବି



**ସାଲେପୁର, ୫।୨(ସମିସ):** ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଏକ ଦାବିପତ୍ର ଆଜି ସାଲେପୁର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଟାଙ୍ଗୀ ସାଲେପୁର ବିକାଶ ପରିଷଦ ପକ୍ଷରୁ ପ୍ରଦାନ କରାଯାଇଛି। ପ୍ରକାଶ ଯେ ଆଜି ଟାଙ୍ଗୀ ସାଲେପୁର ବିକାଶ ପରିଷଦର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁ ନିଜର ସମର୍ଥକମାନଙ୍କ ସହ ଏକତ୍ରିତ ହୋଇ ସାଲେପୁର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ଶିବ ମଲ୍ଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ସରକାର ଏ ଦାବି ପ୍ରତି ଗୁରୁତ୍ୱ ନ ଦିଅନ୍ତି, ତେବେ ଆଗାମୀ ଦିନରେ କଟକ-ଚାନ୍ଦବାଲି ରାସ୍ତାର ଜଗତପୁରଠାରେ ରାସ୍ତାରୋକ କରାଯିବ ବୋଲି ବିକାଶ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର

### ବହୁଗ୍ରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ସାଲେପୁର, ୫।୨(ସମିସ):** ବହୁଗ୍ରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୨୩-୨୪ବର୍ଷ ପାଇଁ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରୋଗ୍ରାମ ଅଫିସର ଡ. ମୋନାଲିସା ମିଶ୍ରଙ୍କ ତତ୍ତ୍ୱାବଧାନରେ ଜାନୁୟାରୀ ମାସ ୧୯ରୁ ୨୨୫ଜଣ ଛାତ୍ରୀଙ୍କୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଉକ୍ତ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ମିଶ୍ର ଯୋଗଦେଇ ଏହାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ଝାନ୍‌ସୀରାଣୀ ମିଶ୍ର, ଅଧ୍ୟାପିକା ଶୁଭସ୍ମିତା ପ୍ରଧାନ ଯୋଗଦେଇଥିଲେ। ମାଷ୍ଟର ଟ୍ରେନର ଭାଗ୍ୟଲକ୍ଷ୍ମୀ ପରିଡ଼ା ଓ ଶୁଭ୍ରାସଙ୍ଗୀତା ମଲ୍ଲିକ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରଶିକ୍ଷିତ ଛାତ୍ରୀମାନଙ୍କୁ ଉକ୍ତ ଉତ୍ସବରେ ପ୍ରଶିକ୍ଷଣ ପ୍ରମାଣପତ୍ର ଓ ପୁସ୍ତକ ପ୍ରଦାନ କରାଯାଇଥିଲା।

### ବଲ୍ଲଭୀଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ନିଶ୍ଚିନ୍ତକୋଇଲି:** ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ନିର୍ଦ୍ଦେଶ କ୍ରମେ ନୋଡ଼ାଲ କେନ୍ଦ୍ର ରେଭେନ୍ସା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନତକାଇ ସ୍ଥିତ ବଲ୍ଲଭୀଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାନୁଆରୀ ୧୮ରୁ ୩୧ ପର୍ଯ୍ୟନ୍ତ ଚାଲିଥିବା ଆତ୍ମସୁରକ୍ଷା ତାଲିମ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଛି। କାର୍ଯ୍ୟକ୍ରମ ପରିଚାଳକ ଅଧ୍ୟାପକ ସୁବ୍ରତ କିଶୋର ସ୍ୱାଇଁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଗ୍ନିଶମ ସେବା କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ମନୋଜ ମହାପାତ୍ର, ମୁଖ୍ୟବକ୍ତା ଭାବେ ସାମ୍ବାଦିକ ବଲ୍ଲଭଚରଣ ପଲେଇ, ସମ୍ମାନିତ ଅତିଥିଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ନିବେଦିତା ଦାସ ପ୍ରମୁଖ ଯୋଗଦେଇଥିଲେ। ପ୍ରଶିକ୍ଷିକା ଭାଗ୍ୟଲକ୍ଷ୍ମୀ ପଣ୍ଡା ଓ ଶୁଭ୍ର ସଙ୍ଗୀତା ମଲିକଙ୍କ ଦ୍ୱାରା ୬ଟି ଗ୍ରୁପରେ ୧୮୦ ଜଣ ଛାତ୍ରୀଙ୍କୁ ପର୍ଯ୍ୟାୟ କ୍ରମେ ତାଲିମ ପ୍ରଦାନ କରାଯାଇ ପ୍ରମାଣ ପତ୍ର ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଶୋକ ରାଉତ, ଜ୍ୟୋତିରଞ୍ଜନ ରଥ, ଜୟଶ୍ରୀ ପ୍ରଧାନ, ନିରଞ୍ଜନ ବାରିକ, ବଂଶୀଧର ରାଉତ ପ୍ରମୁଖ ପରିଚାଳନା କରିଥିଲା ବେଳେ ଅଧ୍ୟାପକ ସୁପ୍ରିୟା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




### ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

**ନିଆଳି:** ନିଆଳି ପ୍ରାଚୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମସୁରକ୍ଷା ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। +୨ କଳାର ୬୮ଜଣ ଛାତ୍ରୀ ଦୁଇ ଦଳରେ ବିଭକ୍ତ ହୋଇ ଆତ୍ମସୁରକ୍ଷା ତାଲିମ ଗ୍ରହଣ କରିଥିଲେ। ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷା ସ୍ମିତାରାଣୀ ସିଂହ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପୋଗ୍ରାମ ଅଫିସର ସୌଦାମିନୀ ନାୟକ ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଅବଦୁଲ ଅମିନ୍ ଖାଁନ୍ ଧନ୍ୟବାଦ ଦେଇଥିଲେ।

### ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ

**ବାଙ୍କୀ:** ବାଙ୍କୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଉଦ୍‌ଯାପନୀ ଉତ୍ସବରେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ ମହାପାତ୍ର ସଭାପତିତ୍ୱ କରିଥିଲେ। ସଂଯୋଜିକା ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ବାଙ୍କୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ରାଜକିଶୋର ପାଲ୍, ସମ୍ମାନୀତ ଅତିଥି ଭାବେ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ସମୀର ମହାପାତ୍ର, ପ୍ରଶାସନିକ ଅଧିକାରୀ ଡ. ନିରଞ୍ଜନ ମହାନ୍ତି ଓ ଡ. ଅବନ୍ତୀକା କର ଯୋଗଦେଇଥିଲେ। ସହସଂଯୋଜିକା ଅଧ୍ୟାପିକା ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ସୁନୀତା ସାମଲ, ଅନୀତା ସାମଲ ଓ ଦୀପାଞ୍ଜଳି ପାଟମାଝୀ ଯୋଗଦାନ କରିଥିଲେ।








